ନଦୀ ଓ ନୌକା

ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ



Digitized by PPRACHIN, SOA

ନଦୀ ଓ ନୌକା

ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ

ପରିବେଷକ :

ଫ୍ରେଣ୍ଡ୍‌ସ୍ ପବ୍ଲିଶର୍ସ

ବିନୋଦବିହାରୀ

କଟକ-୭୫୩୦୦୨

Digitized by PPRACHIN, SOA

ଲେଖକ ଓ ପ୍ରକାଶକ :

ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ
କବି କୁଟୀର
ଖିମପୁର, ବାଣପୁର
ପୁରୀ

ତୃତୀୟ ସଂସ୍କରଣ :
୧୯୮୫

ମୁଦ୍ରଣ :
ସତ୍ୟବ୍ରତ ପ୍ରେସ,
ପିଠାପୁର, କଟକ-୭୫୩ ୦୦୧

ମୂଲ୍ୟ : ଟ ୭.୦୦

Digitized by PPRACHIN, SOA

ସୂଚୀ

ପଲ୍ଲୀ-ବରଷା	୧
ପ୍ରତିଜ୍ଞା	୪
ମୋର ମନର ମଣିଷ କାହିଁ	୭
ଶ୍ରେଷ୍ଠ ନଷ୍ଟ	୧୦
ଗଣୀର ଅଭିଶାପ	୧୩
ଏ ମାଟିର ଅମର ଶହୀଦ	୨୦
ଲାଲ ମାଟିର ଖୋର୍ଦ୍ଧାଗଡ଼	୨୫
ସଙ୍ଘବଦ	୨୯
କର ତାରେ ଆପଣାର	୩୩
ଲୁହର ଦାବୀ	୩୫
କେଉଁ ଅନ୍ଧାରେ ଭୁଲ ବାହି ତୁମ ତରଣୀ	୩୯
ସମ୍ରାଟ ଓ ଫକୀର	୪୧
ପଡ଼ିଛ ଏ ଶ୍ରମିକଟି ଶୋଇ	୪୩
ସମାଧି ମନ୍ଦିର	୪୫
ସେ ମାଟି କି ମଣିଷର ମାଟି	୪୯
ସାଧକର ସ୍ୱପ୍ନ	୫୨
ମୁଁ ଗୋ ଶୁଣୁଥିବ ଜଳ-କଳ-ରବ !	୫୪
ମାଟି ସରଗ	୫୮
ମୁଁ	୬୧
ସ୍ୱାଧୀନତା	୬୩
ଜୀବନ ନର୍ଝର	୬୭
ଯୁଦ୍ଧ ଯାତ୍ରୀ	୭୨
ଗୋଲି ଦାସ	୭୪
ଆଶ୍ଚର୍ଯ୍ୟ ଦରଦର	୭୯
ଟିପ୍ପଣୀ	୮୩

*

Digitized by PPRACHIN, SOA

ଅସରା ଅସରା ଯେ ବରଷା ଝରିପଡ଼େ
ମୁହଁକୁ ନ ଦିଶଇ ମୁହଁ ଗୋ !
ନିବିଡ଼ ଅନ୍ଧାର ନିଖିଳ ଚରାଚର
ପଥରେ ଚାଲେ ପାଣି ସୁଅ ଗୋ !
ଶୁଭଇ ଭେକ ଡାକ
ପଥରେ ଲୋକବାକ—
ଗୋଟିଏ ଦେଖା ନାଇଁ, ଚାହେଁ କେ ବସି କାହିଁ
ମେଲିଚ ଚଉପାଖ ସୁଅ ଗୋ !
ଅସରା ଅସରା ଯେ ବରଷା ଝରିପଡ଼େ
ମୁହଁକୁ ନ ଦିଶଇ ମୁହଁ ଗୋ !

ଗାଆଁରେ ଯେତେ ଯହିଁ ପୋଖରୀ ନାଳ ନଈ
ବରଷା ଜଳେ ଭରପୂର ଗୋ !
ପାଦପ ଲତା ଶିରେ ବରଷା ଠୋପା ଛୁଟେ
ଶୁଭଇ ଟପ ଟପ ସୁର ଗୋ !
କୁଟୀରେ କିଏ କାହିଁ
ଦେଲେଣି ଭାତ ଖାଇ,
ବୋଉ କା' ଉଠାଏ ତା' ଅଣ୍ଟ ପୁଅଟିରେ
ଶୋଇଛ ଦେଉ ବେଳବୁଡ଼ ଗୋ !
ଗାଆଁର ଯେତେ ଯହିଁ ପୋଖରୀ ନାଳ ନଈ
ବରଷା ଜଳେ ଭରପୂର ଗୋ !

ପହିଲି ପାଳି ହୋଇ, ବୋହୂ କେ ଆସିଚଇଁ,
ଶାଶୁର ପାଦ ଦିଏ ଘଷି ଗୋ !
ପରାଣ-ପ୍ରିୟ ତା'ର ଅନାଦେ ବହୁବାର
ଶେଯରେ ଅଛି ଚାହିଁ ବସି ଗୋ !
ଶୁଭିଲେ ପାଦଚଳା,
ଦୁଆର ଆଉଡ଼ପେଲା,

Digitized by PPRACHIN, SOA

ବୁକୁରେ ବିଦ୍ୟୁତ ହୁଅଇ ସଂଜାତ;
ଆସିବେ ପ୍ରିୟା ହସି ହସି ଗୋ !
ସହ୍ନିଲ ପାଳି ହୋଇ ବୋହୂଙ୍କେ ଆସିବଇଁ
ଶାଶୁର ପାଦ ଧୁଏ ଘଷ ଗୋ !

ଗରିବ ବିଧବାର ଉଡ଼ୁଛି ଘର ଗୃଳ
ଟୋପାକୁ ଟୋପା ପାଣି ଗଳେ ଗୋ !
ହାତଠା ବସି ଉଠି, ନ ଯାଏ ଜାଳା ତୁଟି,
ସେ କେଉଁ କୋଣ ଜାକ ପଡ଼େ ଗୋ !
କାନରୁ ଅଧେ ଓଦା,
ଶୀତରେ ପାଏ ବାଧା,
ଆଖିରୁ ବୋହେ ଲୁହ, ଯେବେ ତା ପତି ପୁଅ
ଥରକୁ ଥର ମନେ ପଡ଼େ ଗୋ !
ଗରିବ ବିଧବାର ଉଡ଼ୁଛି ଘର ଗୃଳ
ଟୋପାକୁ ଟୋପା ପାଣି ଗଳେ ଗୋ !

ଭିକାରି ପିଲ ଜଣେ, ଯାଇଚି ଦୂର ଗ୍ରାମେ,
ଆଣିବା ପାଇଁ ଭିକ ମାଗି ଗୋ !
ଏ ଝଡ଼ ବରଷାରେ ଆସିନି ପାର ଘରେ,
ବୋଉ ତା' ଘରେ ଅଛି ଜଗି ଗୋ ।
ବିଥେଇ ହୁଏ ମନ,
କି ଭଲ ମୋର ଧନ,
କେଉଁଠି ଥିବ ରହି ବରଷା ମାଡ଼ ଖାଇ
ଆକୁଳ ହୁଏ ତାହା ଲାଗି ଗୋ !
ଭିକାରି ପିଲ ଜଣେ, ଯାଇଚି ଦୂର ଗ୍ରାମେ
ଆଣିବା ପାଇଁ ଭିକ ମାଗି ଗୋ !

*

Digitized by PPRACHIN, SOA

ପ୍ରତିଜ୍ଞା

ଜାଣି ଶୁଣି କରି ଅନ୍ୟାୟ ତଳେ ଲଇଁବା
ତାହା ତହୁଁ କିବା ବଡ଼ ପାପ ଅଛି ରହିବା ?
ଘାରି ବନ୍ଧନେ ଯୁଝି ମରିଯିବା ଭଲ
ଜୀବନ ତା' ନୁହେଁ ଦବିଯିବା ରହି କଅଁଳ ।
ପ୍ରତି ଜୀବନର ଅଛି ଗଉରବ ମହତ
ନଷ୍ଟରେ ତାରେ ମାରିଦେବା କିଆଁ କହ ତ ?

ବନ୍ଧୁ ହେ ମତେ କହୁଅଛ ତୁମେ ଲଢ଼ନା
ମଥା ପୋତି ସବୁ ସହିଯିବା ଅଟେ ଭଲ ନା !
ଦୁଃସହ ଯାହା, ଯାହା ଦୁର୍ମତି ପ୍ରେରିତ
ପଳ ପଳ କରି କାଟେ ଯେ ପ୍ରାଣକୁ ତୁରିତ
ବିରୁଦ୍ଧେ ତା'ର ଯିବି ମୁଁ ନିଶ୍ଚେ ଲଢ଼ି ହେ !
ଗୋଟିଏ ନିମିଷେ ରହିବନି ସଢ଼ି ସଢ଼ି ହେ !

ଟିକିଏ ସ୍ୱାର୍ଥ ଟିକିଏ ଶାନ୍ତି ପାଇଁ କି
ଥିର ରହିଯିବି ଏତେ ହେଙ୍ଗାମ କାହିଁକି ?
ବିଚ୍ଛୁରିଲ ବେଳେ ମୋର ଶିରା ଉପଶିରା ହେ
ତାତି ଉଠେ ବେଗେ କିବା ଇସ୍ପାତ ଶିଳା ହେ !
ଭିତରିଟା ମୋର ମହାଜୀବନର ଝରଣା,
ସ୍ପୃହେନା ରହିବ ହୋଇ କାହା ହାତ ଖେଳନା !

Digitized by PPRACHIN, SOA

ସାତ ସ୍ୱପ୍ନମାନ କରି କଏ ମତେ ଥୋଇଲେ,
ଚଳଚଳାନ୍ତ କରିବାକୁ କଏ ବୋଇଲେ,
ଅଭ୍ରବର ମନ୍ତ୍ର ଦେଲେ ମୋ ସବୁଠି ସରଜ,
ପାଶବନ ମୋର ପ୍ରତିଜ୍ଞା କେବେ ବରଜ;
ଉତ୍‌ଫେଣ ନାଗ ପରି ମୁଁ ଉଠିବି ଊର୍ଦ୍ଧ୍ୱେ,
ଜୀବନ ଲକ୍ଷ୍ମୀ ଆଣିବି ମୁଁ ଜିତି ଯୁଦ୍ଧେ !!

❊

Digitized by PPRACHIN, SOA

ମୋର ମନର ମଣିଷ କାହିଁ

ମୋର ମନର ମଣିଷ କାହିଁ ?
ମୋର ବ୍ୟଥା ବୁଝିବାର ପାଇଁ ;
ମୁଁ ତ ଝୁରି ଝୁରି ଖାଲି ମରେ
ତାକୁ ଖୋଜି ଖୋଜି ଅବିରଳେ ।
ତାରେ ପାଏନା ପାଏନା କାହିଁ,
ସେ କି ସାରା ଧରଣୀରେ ନାଇଁ !

ସେ କି ବୁଝିବନି ମୋରେ ବ୍ୟଥା ?
ସେ କି କହିବନି ମୋଟେ କଥା ?
ସେ କି ସେନେହ ଆଦର କରି
ବୁକେ ରଖିବନି ତୋଳି ଧରି ?
ସେ କି ଯାଇଅଛି ଦୂରେ କାହିଁ ?
ଆଉ ନିମିଷେ ଫେରିବ ନାହିଁ ?

ତା'ର ଅନ୍ତର ବୀଣା-ତାର
ଆଉ ବାଜିବନି ବାର ବାର ?
ସେ କି ଯାଇଚି ଯାଇଚି ମରି
କରି ଶତ, ଜାଳି ଜୁଆଗ୍ନେର ?
ମୋର ମନର ମଣିଷ କାହିଁ ?
ମୁଁ ତ ଝୁରି ମରେ ତାହା ପାଇଁ ।

Digitized by PPRACHIN, SOA

ମୋର ବୁକୁରେ ବେଦନା ଜାଗେ
ମୁଁ ତ ତାର ଉଚ୍ଛ୍ୱାସ ମାଗେ
ମୁଁ ଗୋ ତାହାର ବୁକୁରେ ଡଳି
ବାନ୍ଧି ନେବି ମୋ ଜୀବନ ତଣ୍ଟି ।
ମୁଁ ଗୋ ତାହାରେ ହିଁ ପାଏ ଭଲ
ତାକି ସକଳ ସେନେହ ମୋର !

ଉଠେ କାନ୍ଦ ମୋ ବୁକୁତଳ
ବହେ ଲୁହ ଝର ଝର ଝର !
ଗୁହେଁ ଗୁଣିଆଡ଼ି ବାର ବାର
ଫୁଟେ ବୁକୁତଳୁ ହାହାକାର !
ଯାରେ ନକର ମୁଁ ଏତେ ଭଲି
ସେ ଗୋ ଯାଇଛି ସୁଦୂରେ ଚଳି !

ଖାଲି ଖାଲି ଲାଗେ ମତେ ଧରା
ସେ କି ହେଲା ହଳାହଳ ଭରା ?
ତାର ଗମ୍ଭୀର ମୁଖ ତଳେ
ଶତ କୁଣ୍ଠ ମାୟାଜାଲ ତଳେ ।
ତା'ର ସୁନ୍ଦର ଦେବ-ଛାୟା
ହେଲା ସର୍ବଗ୍ରାସୀ ନିଆଁ

ମୁଁ ଗୋ ଗୁହିଁଲେ ପାରୁନି ଗୁହିଁ
ମୋର ମନର ମଣିଷ ନାଇଁ !
ମୁଁ ଗୋ ଖୋଜେ ତାକୁ ଅବିରଳେ
ଏଇ ବିରାଟ ଆକାଶ ତଳେ
ମୁଁ ଗୋ କାହାକୁ କହିବି କହ,
ମୋର ବେଦନା ଯେ ଦୁର୍ବହ !

Digitized by PPRACHIN, SOA

ମୋର ମଣିଷ ଯେ ଚିରସାଥି
ତାଠୁ ଛିନ୍ନ ମୁଁ ହେଲି ଆଜ !
ମତେ ଫିଙ୍ଗି ନିଠୁର କରେ
ସେ ଗୋ ଆପଣାର ବାଟେ ଚଳେ
ତାରେ ଯେତେ ଆପଣାର କରି
ମୁହିଁ ଡାକିଲି ସେନେହ ଭରି—

ସେ ତ ଆର୍ଦ୍ର ନୟନରେ ବାରେ
ମୋରେ ଗୁହିଁଲାନି ସଂସାରରେ !
ସେ'ତ ଗଲା ଗଲା ଦୂରେ ଗଲା
ମୋରେ କରିଦେଇ ଦରମଲା;
ସେ'ତ ବୁଝିଲାନି ସତେ ମତେ
ତାରେ ଝୁରେଁ ମୁଁ କେଭଳି ସତେ !

ତା'ର ଅନ୍ତର ପ୍ରସ୍ତରେଣୁ—
ତଳେ ବାଜେ ମୋ ସେନେହ ବେଣୁ;
ମତେ କରିଗଲା ପଦାଘାତ
ଦେଖିଲାନି ମୋ ଲୋତକପାତ !
ମୁଁ ଗୋ ହୋଇ ନିର୍ଲ୍ଲଜତର
ତାରେ ପଗୁରେ ବହୁତ ଥର—

"ମୁଁ ତ କରିନି ତୋହର କ୍ଷତି !
କଆଁ ମୋ ଠାରେ ନିଠୁର ମତି ?
ଦେଖ ଚିରି ମୋର ବୁକୁତଳ
ମୁଁ ଯେ ଚିରଦିନ ମଣିଷର !"
ଯେବେ ମୋ ଓଠୁ ଏ କଥା ଫୁଟେ
ସେ ଗୋ ହସିଭୁଠେ ହସି ଉଠେ ! !

Digitized by PPRACHIN, SOA

କହେ ବାଣୀ ବନ୍ଧୁର ବୋଳା
ତାଳ ଘୃଣାରେ ନୟନ ଢୋଳା !
ମତେ ସାତପର କରି ସିଏ
ଦୂରେ ଦୂରେ ଯେ ଆଡ଼େଇ ହୁଏ;
ମୁଁ ତ ତାହାର ନୁହଇ କିଛି
ମୋରେ କଥା କହେ କରି ଛି ଛି !

ମୁଁ ଗୋ ଭୁଲି ହୋଇ ଯାଏ ଚଳି
ମୋର ଯାଏ ଲୁହଧାର ଗଡ଼ି !
ମୁଁ ଗୋ ଖୋଜୁଥିବି କାଳ କାଳ
ତାଳ ନୟନୁ ଲୋତକ ଧାର ।
ମୋର ମନର ମଣିଷ କାହିଁ ?
ସେ କି ଲେଉଟି ଆସିବ ନାହିଁ ?

❊

ଛୋଟ ନଈ

କେତେ ଦୂରୁ କେତେ ଦୂରେ ଯାଉଛୁ ଲୋ ବହି !
କି ଅବୋଧ ବାଣୀ କହି ମହାଶୂନ୍ୟ କାନେ,
ସେ କେଉଁ ଅନାଦିକାଳୁ ମୋର ଛୋଟ ନଈ
ଏଭଳି ଯାଉଛୁ ଚାଲି ମୁଁ ତ ନାହିଁ ଜାଣେ ।

ଦେଖିଥିବୁ ଛୋଟ ନଈ ଦେଖିଥିବୁ ମୋର !
ଅସହାୟା ବାଳିକାଟି କା' କୋଳ ହଜାଇ
ତୋ କୂଳେ ବାସନ ମାଜି ନେତ୍ରୁ ଲୁହଧାର—
ଢାଳିବାର ବୁକୁବ୍ୟଥା ନପାର ସମ୍ଭାଳି ।

କେ କହିବ ଦୁଇକଂସା ଖାଉଥିବୁ ଖାଲି
ପୋଲଧନ ପାଇଛୁ କି ? କରିବୁନି କାମ ?
ମହାଶୂନ୍ୟେ ଚାହିଁ ସେହୁ ଯାଉଥିବ ଭାଳି,
ସବୁଠୁ ନିଠୁର ବଡ଼ ଏ ଅନାସ୍ଥ ପ୍ରାଣ ।

ଦେଖିଥିବୁ ଛୋଟ ନଈ, ଦେଖିଥିବୁ ନିକ !
ଔଷଧ ନ ପାଇ ଛୋପେ ଭେଣ୍ଡା ବୟସର—
ସେ କେଉଁ କୃଷକ ପିଲା ବୁଜିଅଛି ଆଖି,
ବୁଢ଼ାବୁଢ଼ୀ ରହିଛନ୍ତି ଚାହିଁ ଜଳ ଜଳ !

ତୋ ତଟରେ ଜଳୁଛି ଚିତା ଶିଖା ମେଲି ନଭେ,
ଶୁଭୁଛି କୁଟୀର ଭରି ରୋଳ କ୍ରନ୍ଦନର,
ଏଇଭଳି କେତେ ପ୍ରାଣ ନିଭଇ ନୀରବେ
କେ ବୁଝୁଛି ଦରିଦ୍ରର ବ୍ୟଥିତ ଅନ୍ତର !

Digitized by PPRACHIN, SOA

ଦେଖିଥିବୁ ଶ୍ରେଷ୍ଠ ନଈ ଶୀତରେ ତୋର ଗଳି—
ଆସୁଥିବ ଝଲମାଙ୍କୁ ମୂଳିଆ ବାପୁଡ଼ା
ପଙ୍କମାଟି ସଲବଲ ଝହସାର ଖାଲି,
ହଂସା ଉଡ଼ୁଥିବ, ଝଶୁଥିବ ଦରମରା ।

ଝୁଲୁଥିବ ଘଟରେ, ଗଳେ ମୂଳ-ଚଣ୍ଡିକରେ
ଆଣିବ ସୋରିଷ ଲୁଣ, ଗୁଉଳ ବା କାଠ,
ଘରେ ଆଠଜଣ କାହୁଁ ଚଳହେବ ଭଲେ
ଅଣ୍ଟୁନି ତ ଯେତେ ଅରଜିଲେ ଏଇ ହାତ ।

ଦେଖିଥିବୁ ଶ୍ରେଷ୍ଠ ନଈ ଦେଖିଥିବୁ ନକି ?
ବେଦନାର ମସୀରେଖା ତା’ ଦରିଦ୍ର ଝଟଲ
ସୁଖ ସହରର ସ୍ୱର୍ଣ୍ଣମାୟା ଝିକିମିକି
ତା’ ମୁଖମଣ୍ଡଳ ଆଜି ହେଲା ନାଇଁ ବାରେ !

ସେ ପାହାଡ଼ କାନ୍ଥି ଡେଇଁ ଆସିବାର ବେଳେ
ଦେଖିଥିବୁ ବାର ବାର କରି, ଶ୍ରେଷ୍ଠ ନଈ !
ପିଲାଠାରୁ ବୁଢ଼ାଯାଏ କାଠଗୋଛା ଶିରେ
ଆସୁଛନ୍ତି, ସ୍ୱେଦବିନ୍ଦୁ ଅଙ୍ଗୁ ଯାଏ ବହି ।

କେ’ କହୁଚି ଚପରାଶୀ ଆଜି ଧରିଥିଲେ
ନେଇଥାନ୍ତା ସବୁରିଠୁ ନଷ୍ଟେ ଅଣେ ଅଣେ,
ଆନ କଟେହ ରଖିଛି ସେ ମୋର କଣ୍ଟୁଶିରେ
ପଇସା ନ ଦେଲା ବୋଲି ଝନେ ନାଡ଼ି ବଣେ ।

ନଃସ୍ୱର ଉପରେ ହୁଏ କେତେ ଅନାଚାର,
ଦେଖି ଦେଖି ଆସୁଥିବୁ ମୋର ଶ୍ରେଷ୍ଠ ନଈ !
ଏ ମାଟି ଉପରେ କେତେ ତପ୍ତ ଲୁହଧାର—
ଝରିପଡ଼େ କେହ୍ନା କେବେ ଭାଳେ ନ ବୁଝଇ ।

Digitized by PPRACHIN, SOA

ଦେଖିଥିବୁ ଗ୍ରେଟ ନଈ ତୋର ତୀରେ ତୀରେ
ଆସୁଥିବେ କନ୍ଧବାଳା ଫଳମୂଳ ବହି
ସତ୍ୟ ସାରଲ୍ୟର କିବା ମୂର୍ତ୍ତି ଧରଣୀରେ,
ଜାଣନ୍ତିନ କରିବାର ଛଅ ନଅ ଠିକ ।

ପ୍ରତି ପଦେ ତାଙ୍କୁ ଆହା ଭୁଲାଇ ଭୁଲାଇ
କଏ କେତେ ପଥେ ଘାଟେ ଦେଉଥିବେ ଠକି,
ଶଠତା ଭିତରେ ସ୍ୱାର୍ଥ ଜୀବନ ଖେଳାଇ ·
ଅମୃତ ଧରାରେ କଏ ଭୋଗିପାରିବ କି ?

ଫେରିବାର ବେଳେ ଆହା କି କରୁଣ ବାଣୀ
କହୁଥିବେ "ଠକିଦେଲ ! ଆଉ ଆସିବାନି ।"
ସଭ୍ୟସମାଜର ହାୟ ଏ କି ସନ୍ତାନ ?
ମଣିଷ ବୁକୁର ବ୍ୟଥା ନାହିଁ ପାରେ ଜାଣି ?

ଆଜି ଏ ସନ୍ଧ୍ୟାରେ ତୋର କୂଳେ କୂଳେ ବୁଲି
ପୃଥିବୀ ଅନନ୍ତ ବ୍ୟଥା ବୁଝୁଚି ହୃଦୟେ,
ସିକ୍ତ ହୋଇ ଆସେ ମୋର ନୟନ, ଲୁହେ ପୂରି,
ତୋର ପ୍ରତି ଊର୍ମିରେ ମୁଁ ଖାଲି ଗୁହ୍ନିଁ ରହେ !

ଏ ଦୁଃଖର ହେବ କେବେ କହ ସମାଧାନ ?
କହ ଗ୍ରେଟ ନଈ ମତେ କହ ମୋର କାନେ ।
ଜାଗିବ ସବୁରି କଣ୍ଠେ କେବେ ମଧୁଗାନ ?
ଖଳହୁଏ କୂଳେ ତୋ'ର ତାହାରି ସନ୍ଧାନେ ।

*

Digitized by PPRACHIN, SOA

ରାଣୀର ଅଭିଶାପ

ଦଳବେହେରା

"ରାଜାର ହୁକୁମ ମୁଁ ପାଳିବି
ଲକ୍ଷେ କଲେ ତୁମେ କାକୁତି ଓ ମିନତି
ରାଜାର ହୁକୁମ ନାହିଁ ଛାଡ଼ିବି;
ମୁଁ ଦଳବେହେରା ସେ
ଲକ୍ଷ ପାଇକରେ ମଉଡ଼ମଣି
ନିମକ ସଚ୍ଚା ମୁଁ
ରାଜାର ଦୟାଦାନେ ଧର୍ମରୁ ଧର୍ମ;
ଜୀବନେ ହେଲା ଆସି
ଷାଠିଏ ବରଷରୁଂ ଚୃଆର ଊଣା
ମୋହର କାମେ ମୁହିଁ କରଇ ତତ୍ପର
ଦେଇନି ମତେ ଡାକେ କେ' ଭଲୁଗୁଣା;
ଏପାଖ ସେପାଖ ମୁଁ ହୋଇନି
କେବେହେଲେ,
ପାରେନି ହୋଇ;
ରାଜାର ହୁକୁମ ମୁଁ ପାଳିବା ଲାଗି
ଜୀବନ ଗୋଟି ମୋର
ପାରିବି ଦେଇ;
ରାଜାର ହୁକୁମ ମୁଁ ପାଳିବି
ଲକ୍ଷେ କଲେ ତୁମେ କାକୁତି ଓ ମିନତି
ରାଜାର ହୁକୁମ ନାହିଁ ଛାଡ଼ିବି ।"

Digitized by PPRACHIN, SOA

ରାଣୀ

"ରାଜାର ହୁକୁମ ତୁମେ ପାଳିଚ ପାଳିଚ ତ
   କପରି ଆଉ ତୁମେ ପାଳିବ ?
ସବୁ ତ କରିଅଛ
   କଅଣ ଅଧିକ ବା କରିବ ?
   ରାଜ୍ୟ ଜିଣିଅଛ
         ନେଇଚ ରାଜବାଟୀ
ରାଜାର ମସ୍ତକ ନିଠୁରେ ଦେଇ କାଟି,
ବିଧବା କରି ମତେ ଏ ନବ ଯଉବନେ,
   ଠିଆ ତ କରାଇଚ ଏ ମନ୍ଦା ଧରଣୀରେ
   ବୁଢ଼ି ମୁଁ ରହିଅଛୁ ତପ୍ତ ଲୁହ-ମାଟିରେ,
   କାଲିର ରାଣୀ ମୁହିଁ,
      କାଲିର ଲକ୍ଷ୍ମୀ ମୁଁ,
   ଆଜ ମୁଁ ଭିକାରିଣୀ,
   ଆଜ ମୁଁ ମାନହୀନା,
   ମୋ ଭଳି କିଏ ଥିବ
   ଏତେଡ଼େକ ଦୁଃଖିନୀ ଗରିବ !
   ସବୁ ତ କରିଅଛ ଅଧିକ କିଣ ବା କରିବ ?"

ଦଳବେହେରା

"ଆଜ ତ ଆସିଅଛି ରାଜାର କଡ଼ା ଏକ ହୁକୁମ୍
   ନାହିଁ ପାଳିଲେ ମୁହିଁ,
   ହେବି ରାଜାର ଦରବାରେ ବେକୁମ୍;
   ତୁମରି କୋଳର ଏ ଗୋଟିକ ସନ୍ତାନ
   ମୁଣ୍ଡ କାଟି ତା'ର ଏ ମୋର ଖଣ୍ଡାରେ
   ରାଜାର ଦରବାରେ ଭେଟିବି,
   ଟିକିଏ ଦେବି ନାହିଁ ତୁମକୁ ଫୁରୁସତ
   ଏଇଲେ ତାହାରେ ମୁଁ କାଟିବି;

Digitized by PPRACHIN, SOA

ଖଣ୍ଡା ପକାଉଛି ବାଡ଼ୁଆ ଗଳେ ହୋଇ
  ତା' ଟିକି ମୁଣ୍ଡରେ ମାରବେ ଦେବ ଥୋଇ
  କରନା ବେଶୀ କଥା ବାରତ
ରାଜାର ଖାଇଛି ମୁଁ ରାଜାର ହୁକୁମ ଯେ ପାଳିବ,
  ନଇଲେ ହେବ ତା'ର ଧାର୍‌ନ୍ତା !"

ରାଣୀ

"ରାଜାର ମିଞ୍ଜାସ ଜାଣିଚି ଜାଣିଚି ମୁଁ
ତହିଁରେ ଓଜନ କି ଥାଏ ହେ ?
ତହିଁରେ ନାଇଁ ଥାଏ ଆଗ ଓ ପଛ କିଛି ବିଚ୍ଛର
ଯେବେ ସେ ଯାହା ହୋଇଯାଏ ହେ !
ଦୁଗ୍‌ଧ ପୋଷ୍ୟ ଏ କ୍ଷୁଦ୍ର ଶିଶୁଟିଏ
ରାଜାର କ୍ଷତି କିବା କରିବ ?
ହସୁଚି ଖେଳୁଚି ସେ ହଲଇ ହାତ ପାଦ
କେ' ଜାଣେ ଜୀଇବ କି ମରିବ !
ରାଜ୍ୟ ନାଇଁ ତାର ନାଇଁ ତା' ରାଜବାଟୀ
ଭିକାରି ପିଲାପରି ସେ ପଡ଼ି ରହିଅଛି
କାହାର ଶତ୍ରୁ ବା ହୋଇବ ?
ରାଜାରେ କହ ତମେ
ତୁମର ପ୍ରଜା ସିଏ
ତୁମର ପୁଅପରି
ତୁମର ରାଇଜର—
  ସେ କେଉଁ କଣେ ହେଲେ ରହିବ;"

ଦଳବେହେରା

"ହେ ରାଣୀ ! ତୁମେ ମତେ ଦେଉଚ ଉପଦେଶ,
ତୁମର ପୁଅ ପାଇଁ ଜୀବନ ଭିକ୍ଷା ମୁଁ କରିବି,
  ତା' ମାନେ ମତେ ମୁହିଁ
  ହତ୍ୟା କରି ଖାଲି ଫେରିବି;

Digitized by PPRACHIN, SOA

ଆସିନ ଶୁଣିବାକୁ ତୁମଠୁ କଛି କଥା,
ପୁଅରେ ଦିଅ ଛାଡ଼ି
ଯାସୋର ଏ ମମତା,
ହତ୍ୟା କରିବ ଏ କରିବ,
ରାଜାର ହୁକୁମ ମୁଁ ପାଳିବ ।"

ରାଣୀ

"ହେ ଦଳବେହେରା ! ମୁଁ କହୁଚି ହାତ ଧରି,
କହୁଚି ଓଠ ଧରି,
ଏକଇ ମାସ ମୋ କନକ ପିଜୁଳୀରେ
ହତ୍ୟା କରି କିବା ପାଇବ ଅବସରେ ?
ତାହାକୁ ଛାଡ଼ି ଦିଅ,
ରାଜାରେ ଦିଅ ସବୁ ବୁଝାଇ,
କାହିଁକି ଜିଦ୍ ଧରି
ବସିଚ ତଲୁଆର ସଜାଇ ?
ତୁମରି ହାତେ ଯା'ର ଜୀବନ ନାଟିକାଟି
ରଖିଲେ ରଖିପାର, ଅଥବା ପାର କାଟି
କାହିଁକି ଅନ୍ୟାୟ କାରଣେ ନିରୀହ ଏ—
ନିଃସ୍ୱ ଶିଶୁଟିରେ ମାରିବ ?
କାହାର କଅଣ ସେ କରିବ ?
ମୋହର ଆଖି ଏଇ ନିଧନ ସଙ୍ଖାଳି
ଯାକୋଇ ଗୁହିଁ ଗୁହିଁ ପାରିବ ପଥ ଗୁଲି,
ଯାକୋଇ ଦେଖିଦେଲେ
ଭଲିବ ସବୁ ମୋର ରହିଚ,
ଦଇନ ଯିବ ଭୁଲି,
ଯେତେ ଯା' ଏ ବୁକୁରେ ବହିଚ,
ହେ ଦଳବେହେରା ହେ !

Digitized by PPRACHIN, SOA

ଘରର ତୁମେ ପୁଅ
ଜାଣିବା ଲୋକ ହୋଇ
ଅବୁଝା କିଆଁ ହୁଅ ?
ତୁମର ବୁକୁତଳେ ଟିକିଏ ଦୟା ନାହିଁ !
ଶ୍ରେଷ୍ଠ ଏ ଶିଶୁଟିର ଜୀବନ ନେବାପାଇଁ,
ଲଗାଇଅଛ ଜିଦ୍ କିଆଁ ହେ ?
ନିଠୁର ଉପାଦାନେ
ନୁହେ ତ ଗଢ଼ା ଷର ହିଆ ହେ !!

ଦଳବେହେରା

'ହେ ରାଣୀ ! ଦୂରେ ରହ ଶିଶୁଟି ରଖି ଦେଇ,
ମୋ ଭୁଲେ ବେଶୀ କଥା ହୁଅନି,
ଆଖିରୁ ଲୁହ ଢାଳି
ମୋ ହାତ ଓଠ ଏବେ ଛୁଅନି;
ହତ୍ୟା କରିବାକୁ କରିବ,
ରାଜାର ହୁକୁମ ମୁଁ ପାଳିବ !"

ରାଣୀ

"ହେ ଦଳ ବେହେରା ହେ ଦଳ ବେହେରା !
ଏ ଭଳି ରକତ ପିଣ୍ଡୁଳିଟିଏ
ପୁରି ଛ ମାସର ହବ,
ତାକୁ ମାରି କିବା ପାଇବ ହେ ଗଉରବ ?
ଓଠରେ ତାହାର ଫୁଟି ତ ନ ଥିଲା ଭାଷା
କାହାର କରନ୍ତା କ୍ଷତି ବା ଅମଙ୍ଗଳ
ଜଗିତ ନଥିଲା ବୁକୁତଳେ କିଛି ଆଶା;
ଏ ମହା ପୃଥିବୀ ପରେ
ହସି ଖେଳେ ସେ ତ ଶ୍ରେଷ୍ଠ ଝରଣାଟି ପରି
ଝରି ଚାଲିଥିଲା ବଣବୁଦା ତଳେ ତଳେ;

Digitized by PPRACHIN, SOA

ମୁନିବର ଏଇ ଘୃଣ୍ୟ ହୁକୁମ ମାନି
କିବା ବଡ଼ଲୋକୀ ଦେଖାଇ ହଉଚ ତମେ ?
ଟଙ୍କା ପଇସା ଶତ କୋଠାବାଡ଼ି କରି,
ବଞ୍ଚି ରହିବ ଶତ ସୁଖ ସନମାନେ;
ଏତେ ଗୋଲାମିର ନର୍କ ଭିତରେ ବୁଡ଼ି,
ଯାଉଛି ଯାଇଚ କର୍ମମ କୃମୀ କୀଟ,
ତୁମକୁ ଲାଗୁଛି ମିଠା ସେ ନର୍କ ପାଣି,
ତୁମ ପାଖେ ଯାହା ଅମୃତ ଖାଲି ମିଛ !
ହେ ଦଳବେହେରା ! ମନେରଖ ମନେରଖ !
ମୋ ଭିତର ଆଜ କାନ୍ଦ ଉଠୁଚି
ମୋ ଧନମାଳୀରେ ରୁହୁଁ,
କାଭଳି ମାରିବା ପାଇଁ ଉଠାଇଲ ହାତ ?
ସେଇ ହାତେ କେଉଁ କମ୍ର ଶିଶୁର—
ପରଶ କ ଲାଗି ନାଇଁ ?
ନଜେ ଭୁଷି ହୋଇ ନଜ ଦେହେ ଚାଲୁଆର
ମୋ ଧନମାଳୀର କଟା ମୁଣ୍ଡଟି
ମୋ ବୁକୁ ଉପରେ ଥୋଇ,
ଚାରହନ ପାଇଁ ବୁଜବି ନୟନ ତୋଳା,
ମହା ଦୁଃଖିନୀ ଜୀବନରେ ମୋର
ଏତେ ବଳିବାଲ ଧାରବି ନାଇଁ ତ ବୋହ୍ମ !
ହେ ଦଳବେହେରା !ମନେରଖ ମନେରଖ !
କୋଳୁ ଛଡ଼ାଇ ମୋ ଧନରେ ଦେଇଚ ହାଣି,
କେତେ ନିର୍ମାଖି ହୋଇ କହିଲ ତ ଧରି ହାତ
ନିର୍ମମେ ପକାଇଦେଲ ମୋ ବାଣୀ;
ଜନମେ ଜନମେ ଯୁଗେ ଯୁଗେ ତୁମ ପୁରେ
ତୁମର ବଂଶ ଥିବାଯାଏ ମହୀତଳେ,
ପୁଅର ମୁଖ କେହି ଦେଖିବନି ଜଣେ
ଯେତେ ସହିଁ ତୁମେ ଯାଗ ଯଜ୍ଞ ବା କଲେ ।
ମୋ ଭିତରେ ଆଜ କୁହୁକୁଚ ଯେଉଁ ନିଆଁ;
ମୋ ଆଖିରୁ ଯେଉଁ ରକ୍ତ ପଡ଼ୁଚି ଝରି

Digitized by PPRACHIN, SOA

ନଭ୍ ସେ ଯିବନି ନଭ୍ ପାରିବନି କେବେଁ,
ସୀମାହୀନ ଯୁଗ କାଳର କପାଳେ
ଯାଉ ପଛେ ଅବସର;
ଗୁଲଲ ଗୁଲଲ ମୋ ଧମନୀରେ ଗୁହିଁ,
ଟିକଏ ଆଉଁସି ତାହାର କଅଁଳ ଦେହ
ରକ୍ତରେ ଯାହା ହୋଇଅଛି ସଲବଲ,
ମୋହର ପରଶ ପାରିବ ସେ ଅନୁଭବ ?
ମୋହ ଭଳି ପୋଡ଼ା କପାଳୀର ସ୍ଥାନପେଟୁ
ଜନ୍ମ କାହିଁକି ହେଲୁ ଧମନୀ ମୋର !
ବାଂଝୁଣୀ ହୋଇ ଅନ୍ଧୁଣୀ ହୋଇ ଯାଇଥାନ୍ତି ମୁଁ ମରି;
ତୁ ପଛକେ କେଉଁ କାଙ୍ଗାଳ ଘରେ ଫୁଟି,
ଖେଳୁଥାନ୍ତୁ ତା' କୁଟୀର ଆଲୋକ କରି;
ଖୁଦଭଜା ଖାଇ, ଖାଇ ମାଣ୍ଡିଆ ଜାଉ
ଦିନୁ ଦିନ ଭୁଲି ଉଦାସ ପୁଲକେ
ଉଠୁଥାନ୍ତୁ ରେ ବଢ଼ି !
ଗୁଲଲ ଗୁଲଲ, ଗୁଡ଼ ଏ ଧରଣୀ ମାଟି,
ରହିବାକୁ ଯହିଁ ଏକ ମୁହୂର୍ତ୍ତ
ଗୁହିଁବାକୁ ପାରେ ଗୋଟିଏ ପଲକ,
ଭଲ ମୋରେ ନାଇଁ ଲାଗେ,
କଏ ମୋର ଅଛି ଦଳ ବଣ ଗାଆଁ .ଆକାଶ ବତାଶ ଧରି
ମୋ ପାଇଁ ଯା' ବୁକେ ଟିକଏ
ବେଦନା ଜାଗେ !
କହିଯାଉଛି ମୁଁ ଏଇ ମୋର ଶେଷ ବାଣୀ
ମୋର କଲିଜା ଫଟାଇ
ବାହାରି ଆସୁଛି ଯାହା—
ହେ ଦଳବେହେରା ମନେରଖ ମନେରଖ
ଜନମେ ଜନମେ ଯୁଗେ ଯୁଗେ ତୁମ ବଂଶରେ
କେହି ଜଣେ
ଦେଖିପାରିବନି ଚିନପୁ-ସ୍ୱର୍ଣ୍ଣ-ମୁଖ’’

❋

Digitized by PPRACHIN, SOA

ଏ ମାଟିର ଅମର ଶହୀଦ

— ୧ —

ତା' ଦେହ ଅସ୍ଥି ମାଂସର ଅବଶେଷ
ରହିଥିବ ଏଇ ଧୂଳି କଣିକାରେ ପଡ଼,
ଆକାଶ ପବନ କମ୍ପାଇ ଯାହାଚକ୍ରୁ
ଫୁଟିଥିଲା ଦିନେ ଶତ ସିଂହର ରଡ଼ି ।

କହିଥିଲା ଦିନେ ବ୍ରିଟିଶ ଜାତିକୁ ସିଏ
ବଜ୍ର ପରିଏ ଦମ୍ଭ କରି ତା' ଛାତି,
ଜୀବନ ଭିକ୍ଷା କରିବ ତୁମର ଆଗେ
ମୃତ୍ୟୁର ଭୟ ଦେଖାଇଚ ଦିବାରାତି ?

ଏ ଦେଶ ଜାତିର ସମ୍ପଦ ଗଉରବ
ସଂପିଦେବି ମୁଁ ତୁମ କରେ ଡରି ଡରି,
ଏ ମୋର ସ୍ୱାଧୀନ କଣ୍ଠେ ମୁଁ ପରି ନିଜେ
ପରାଧୀନତାର ଶୃଙ୍ଖଳ ନେବି ବରି !

ସ୍ୱାଧୀନ ଜୀବନ ଅଗ୍ନି ବୁକୁରେ ଧରି
ମରିଯିବା ଭଲ ସିଂହ ପରିପ୍ରେ ଲଢ଼ି,
ବଞ୍ଚିବା ପାଇଁ ନିର୍ଲଜ ଦେହ ଧରି,
ଶତ୍ରୁ ଚରଣ ଜୀବନ ଭିକ୍ଷା କରି !

ଏ ମୋର ଜୀବନ ମୋହର ନୁହେଁ ତ ଖାଲି
ମୋ ସାରା ଦେଶର ଏ ଯେ ନିଃଶ୍ୱାସ ନଳୀ,
ମୋ ଦେହର ପ୍ରତି ରେଣୁରେ ରେଣୁରେ ପରା
ମୋ ଦେଶ ଜାତିର ଗର୍ବ ଜଡ଼ାଇ ଥିବ ।

Digitized by PPRACHIN, SOA

ମଥା ନତ କରି ତୁମରି ଚରଣ ତଳେ
ଆଜ ମୁଁ ଯେବେ ମୋ ଜୀବନ ଭିକ୍ଷା କରେ,
ମୋ ଜାତି ଭିତରୁ ବହ୍ନି ନିଭାଇଦେଇ
ରଖିବି କିନା ମୁଁ ନେଇ କେଉଁ ରସାତଳେ ।

ତା' ଦେହ ଅସ୍ଥି ମାଂସର ଅବଶେଷ
ରହିଥିବ ଏହି ଧୂଳି କଣିକାରେ ପଡ଼ି,
ଆକାଶ ପବନ କମ୍ପାଇ ଯାହା ତହୁଁ
ଫୁଟିଥିଲା ଦିନେ ଶତସିଂହର ରଡ଼ି !

— ୨ —

ସେଦିନ ନୁହେଁ ତ ବହୁତ ଦିନର କଥା,
ଏଇ ଯେ ଦେଖୁଚ ଦୁର୍ଗମ ଗିରିଗଡ଼,
ଫାଶୀଦିଆ ବର ଏଇଠି ଯେ ଠିକ୍ କଲି
ସେଇ ଯେ ବ୍ରିଟିଶ ଜାତି ନର୍ମମତର ।

ଚତୁର୍ଦ୍ଦିଗରେ ଫଉଜ ରହିଲେ ଘେରି,
ଯମଦୂତ ପରି ଭୀଷଣ ଭୀଷଣତର,
ଫାଶୀପ୍ରାନ୍ତର କଣି କଣି ଦେଲା ଡାକ
ମଣିଷ ତନ୍ଦ୍ରୀରେ ପଶିବା କଷ୍ଟକର ।

ପିଠିରେ ବନ୍ଧୁକ, ହାତେ ହାତଡ଼ାତ ଦେଇ
ଏ ଜାତିର ମେରୁଦଣ୍ଡକୁ କିଏ ହାଣେ ?
ନର୍ମମତାର ସକଳ ଅସ୍ତ୍ର କିଏ ଭୁଷି ଭୁଷି ଦିଏ
ତାହାର ସ୍ୱାଧୀନ ପ୍ରାଣେ !

ମୁକ୍ତିର ସୁର ଏଇଭଳି ମିଠା କରେ,
ମୁକ୍ତି ସପନ ଏଭଳି ମଧୁରତର !
ଯା ପାଇଁ ମଣିଷ ସକଳ ନର୍ମମତା
ସହିବା ପାଇଁକି ହୁଏଇ ଅଗ୍ରସର ।

Digitized by PPRACHIN, SOA

ସମ୍ମୁଖେ ତାର ଫାଶୀର ବୃକ୍ଷ ଦିଶେ
ଦିଶଇ ଦୁର୍ଗ ଦଳ ବନ ପ୍ରାନ୍ତର,
ସମ୍ମୁଖେ ଖାଲି ଝୁଲୁଛି ନ ଜାଣି ବାଣୀ
ଏ ବୀର ଜାତିର ଗଉରବ ଅନ୍ତର ।

ରକ୍ତ ରେ ସିପାହି ରକ୍ତ ରେ ଫଉଜ ରକ୍ତ
ଏତେ କମ୍ପାଇ ନର୍ମମ ତାହାପରେ,
ଆକାଶ ପବନ ଚତୁର୍ଦ୍ଦିଗରୁ ଅବା
ଭାସି ଆସେ ବାଣୀ ଗିରି ଗଡ଼ ତଳେ ତଳେ ।

ସେ ଦିନ ନୁହେଁ ତ ବହୁତ ଦିନର କଥା,
ଏଇ ଯେ ଦେଖୁଛ ଦୁର୍ଗମ ଗିରି ଗଡ଼,
ଫାଶୀଦିଆ ବର ଏଇଟି ଯେ ଠିକ୍ କଲା
ସେଇ ଯେ ବ୍ରିଟିଶ ଜାତି ନର୍ମମତାର ।

— ୩ —

ଏ ମହା ଜାତିର ସନ୍ତାନ ହେଲା ଠିଆ
ବରଗଛ ତଳେ ଫାଶୀରେ ଲଗାଇ ମଥା,
ଅନ୍ତର ତାର କହୁଥିଲା ଅବା କଥା,
ମୃତ୍ୟୁ ଭିତରେ ମରେନାହିଁ ସ୍ୱାଧୀନତା ।

କେହି ତ ନଥିଲେ କେହି ତ ନଥିଲେ ତହିଁ
ଦେଖିବାକୁ ତାର ଗୁରୁଗମ୍ଭୀର ମୁହଁ
ଦେଖୁଥିଲା ଦୂରୁ ନଗର ଓ ଜନପଦ
ଦେଖୁଥିଲା ବନ ପର୍ବତ ଝର ସୁଅ ।

ଆଣିଲା ବୁଲାଇ ନର୍ତ୍ତକ ଆଖି ଡୋଳା,
ଚତୁର୍ଦ୍ଦିଗେ ତା ଜନମ ମାଟିର ଘରେ,
ସେ' ଯେ ଆଖି ବୀରଦର୍ପ-ଶୋଣିତେ ଗଢ଼ା
ନସୃତ ଯହିଁରୁ ଉନ୍ମାଦନା ଯେ ଝରେ ।

Digitized by PPRACHIN, SOA

ସେ ଆଖି ଭିତରୁ ଫୁଟିଥିବ ବୀରବାଣୀ
ବିରାଟ ଶୂନ୍ୟେ ଲେଖା ହୋଇଥିବ ରକ୍ତ,
ଆଜିର ସାକ୍ଷୀ ବିରାଟ ଶୂନ୍ୟ ଭିତେଲ
ନୟନ ପତା ରେ ଅଗ୍ନି ଆସୁଛି ବହି !

ପ୍ରଜାପୁଙ୍କର ଝଣ୍ଡା ମାଡ଼ି ମାଡ଼ି ଆସୁ,
ଆକାଶ ଭାଙ୍ଗୁ ପଛେ ମସ୍ତକ ପରେ,
ଭୁଲିବାକୁ ହେବ ପ୍ରତି ମଣିଷକୁ ଏଥି
ସ୍ୱାଧୀନ ପ୍ରାଣର ନିଆଁ ଜାଳି ବୁକୁତଳେ !

ବଞ୍ଚିଲା ପରି ପାରିବ ବଞ୍ଚି ସିଏ,
ନରେନ୍ଦ୍ର ଧରାରେ ମଣ୍ଡା ମୁଣ୍ଡାର ପରି,
ତା'ର ଜୀବନରେ କିବା ସମ୍ପଦ ଥାଏ ?
ହଜାରେ ବରଷ ରହିଲେ ଜୀବନ ଧରି ।

ଏ ମହା ଜାତିର ସନ୍ତାନ ହେଲା ଠିଆ
ବରଗଛ ତଳେ ଫାଶୀରେ ଲଗାଇ ମଥା,
ଅନ୍ତର ତା'ର କହୁଥିଲା ଅବା କଥା
ମୃତ୍ୟୁ ଭିତରେ ମରେ ନାହିଁ ସ୍ୱାଧୀନତା ।

— ୪ —

ଦୁର୍ଗମ ଗିରି ତୁଙ୍ଗ ଚୂଡ଼ାନ୍ତର ଗୁହାଁ
ପଶୁରେ ଭଗ୍ନ ଦୁର୍ଗର ପ୍ରତି ଶିଳା,
କେତେ ନିର୍ମମେ ପାଇଲା ସେ ଏଥି ଫାଶୀ,
ଏ ମାଟିର ସେ ଯେ ପୁଅ ପରି ପୁଅ ଥିଲା ।

ଗଡ଼ ପ୍ରାନ୍ତର ଅସୀମ ଶୂନ୍ୟେ ରହିଁ,
ନିର୍ଜନ ରାତିରେ ପଶୁରଇ ବେଳେବେଳେ,
ଏଭଳି ନେତାର କଣ୍ଠେ ଦେବାକୁ ଫାଶୀ
ଶତ୍ରୁର ହାତ କେଉଁଭଳି ଗଲା ହେଲେ ?

Digitized by PPRACHIN, SOA

ଶାନ୍ତ ଶୀତଳ ସମୀରଣ ଦୂରୁ ଆସି
ଘନ ବନ ଦେହେ ଛୁଇଁ ଛୁଇଁ ଢଏ କମ୍ପ,
ଜୟୀ ରାଜଗୁରୁ ଏଇଠି ପାଇଲ ଫାଶୀ,
ନ ଥିଲେ ତାହାର ସୈନ୍ୟ ପଦାନ୍ତ ରମ୍ବ ?

ଦୂର ଧେନୁପଲ ଗୁରୁ ଗୁରୁ ଟିପା ନାଦେ
ମନ୍ଦ୍ର ଉଠଇ ଯେମନ୍ତେ ଏ ଷାର ବାଣୀ,
ଜୟୀ ରାଜଗୁରୁ ପାଇବାର ବେଳେ ଫାଶୀ,
ମଣ୍ଡନ ତାହାର ବୁକୁର ସିଂହଠାଣି ।

ପ୍ରତି ଜନପଦ ଜନପଦେ ଗୁଞ୍ଜିଁ କହେ
ଜୟୀ ରାଜଗୁରୁ ପାଇଲ ପଛକେ ଫାଶୀ,
ନଜକୁ କନ୍ତୁ ଶତ୍ରୁର ପାଦ ତଳେ
ଝକନ ଝକନ ପ୍ରଲୋଭନରେ ଭସି ।

ଅସୀମ ଶୂନ୍ୟ ଏ ମାଟିର ପ୍ରତି କାନେ
କହୁଚି କହୁଚି କହୁଥିବ କାଳ କାଳ,
ଜୟୀ ରାଜଗୁରୁ ଅନ୍ତିମ ଆଖି ଡୋଳା
କହିଥିଲ ଯେଉଁ ବାଣୀ ଶର ବଳସ୍ତାର,

"ପ୍ରଳୟଙ୍କର ଝଡ଼ ମାଡ଼ି ମାଡ଼ି ଆସୁ
ଆକାଶ ଭଙ୍ଗୁ ପଛେ ମସ୍ତକ ପରେ,
ଝୁଲିବାକୁ ହେବ ପ୍ରତି ମଣିଷକୁ ଏଥି
ସ୍ୱାଧୀନ ପ୍ରାଣର ନଆଁ ଜାଳି ବୁକୁତଳେ ।"

Digitized by PPRACHIN, SOA

ଲାଲ୍ ମାଟିର ଖୋର୍ଦ୍ଧାଗଡ଼

—୧—

ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼,
ଏ ଖାର ମାଟିର ଉଷ୍ମ ରକତେ ଯୁଗ ଯୁଗ ଧରି ଉଷ୍ମତର
ଆସ କଳ୍ପନା, ସୁଦୂର ଅତୀତରୁ ଆସ ହେ ଆସ ।
କାନେ କାନେ ମୋର କହିଦିଅ ତାର ଗଉରବଭରା ସେ ଇତିହାସ,
ଦେଖାଇ ଦିଅ ହେ କଳ୍ପନାରାଣି ! ଏ ଗଡ଼ବୁକୁରେ ଶୁଭିଲା ଯେ ବାଣୀ
ବାଜିଲା ଯେ ଦିନ ସମର ବାଦ୍ୟ,
ବୋହିଲା ଯେ ଦିନ ଶୋଣିତ ଆଦ୍ୟ,
କହିଲା ଏ ଜାତି ସ୍ୱାଧୀନତା ପାଇଁ ଯୁଦ୍ଧ କରିଛି ଖ୍ରୀଷ୍ଟଶତର,
ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼ ।

—୨—

ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼
ବରୁଣୀ ପାହାଡ଼ ତଳେ ତଳେ ତଳେ ରହିଛି କେବଳ ପଡ଼ିଆ ବଡ଼ ।
ଆସ କଳ୍ପନା, ସୁଦୂର ଅତୀତରୁ ଆସ ହେ ଆସ,
ଜାତି ନିଶ୍ୱାସ ବହୁଥିଲା ଏଥି ଖାରଗଉରବେ ବରଷ ମାସ ।
ସେଦିନ ଏଜାତି ଥିଲା କେଉଁଭଳି ଗ୍ଲାନିରେ ବିରାଟ ଆକାଙ୍କ୍ଷା ଭରି,
ବିଜୟ ତୂର୍ଯ୍ୟ ବଜାଇ ବଜାଇ,
ସ୍ୱାଧୀନ ସପନେ ଜୀବନ ମଜାଇ ।
ସିଂହ ପରାଣ ଖାର ବିକ୍ରମେ ଦିଶୁଥିଲା କିବା ଊର୍ଜସ୍ୱଳ ।
ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼ ।

Digitized by PPRACHIN, SOA

—୩—

ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼,
ପାଇକ ଜାତିର ହୃତ୍ପିଣ୍ଡ କମ୍ପିତ ହୁଏ ଥରକୁ ଥର ?
ମନେ ପଡ଼େ ଯେବେ ବାଜିଲା ଶିଙ୍ଗା ବାଜିଲା ତୁରୀ,
ଲକ୍ଷ ଲକ୍ଷ ତରୁଣ ପାଇକ ଧଇଲେ ଖଣ୍ଡା ଧଇଲେ ଛୁରୀ ।
ସିଂହ ପରାଏ ଗରଜି ଗରଜି ଜୀବନ୍ତୁ ସକଳ ମମତା ବରଜି
ସ୍ପର୍ଦ୍ଧା ପାଇକ ଖୋର୍ଦ୍ଧା ଭୂଇଁର
ବଳି ଦେଇ ନିଜ ଉନ୍ନତ ଶିର
ଜାତିର କୀର୍ତ୍ତି ବୁକୁର ରକ୍ତେ ରଖିଦେଇ ଗଲେ ଅନଶ୍ୱର !
ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼ ।

—୪—

ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼,
ଏ ମାଟି ଉପରେ ଜୟୀରାଜଗୁରୁ ଫାଶୀ ପାଇଅଛି କରୁଣତର,
ଗଜପତି ରାଜା ମନ୍ତ୍ରୀ ସେଇ ରେ ମନ୍ତ୍ରୀ ସେଇ,
ଯୁଗ ଯୁଗ ପାଇଁ ଅମର ହୋଇଛି ଜାତି ପାଇଁ ଛାତି ପତାଇ ଦେଇ !
ଏଇ ବରୁଣେଇ ଶିଳା ଗଡ଼ ତଳେ ଦର୍ପେ କହିଲା ଗଉରବ ଭରେ
'ମରିବ ମୁଁ ଚଢ଼ି ଫାଶୀ ଖମ୍ବରେ
ଶୋଣିତେ ମୋ ଅଛି ସେଇ ଦମ୍ଭରେ
ଯୁଦ୍ଧ ମୁଁ ଗୃହେ, ସନ୍ଧି ଗୃହେନା ଘୃଣିତ ଶତ୍ରୁ ଚରଣ ତଳେ'
ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼ ।

—୫—

ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼,
ବୀର ବକ୍ସିର ଅସି-ଝଙ୍କାର ଦେଲା ଏ ଜାତିରେ ନବୀନ ବଳ ।
ଲକ୍ଷ ଲକ୍ଷ ପାଇକ ଠୋକା ରେ ପାଇକ ଠୋକା
ନିଶ ମୋଡ଼ିଦେଇ ବୀର-ହୁଙ୍କାରେ ତଲବାର କରେ ଦେଲେରେ ଦେଖା !

Digitized by PPRACHIN, SOA

ଗରମ ରକ୍ତ ଶିରରେ ଶିରରେ ନାଚ ଉଠିଲା କି ଅମର ଲୀଳାରେ
ଶାଣିତ ଶାୟକ ବାଜେ ଘନ ଘନ
କମ୍ପି ଉଠିଲା ଏ ଗଡ଼ କାନନ

ବରୁଣୀ ପାହାଡ଼ ସ୍ତମ୍ଭିତ ହେଲା, ସ୍ତମ୍ଭିତ ହେଲେ ବଇରୀଦଳ !!
ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼ ।

—୬—

ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼,
ଯେ ଦିନ ବାଜିଲା ଗୁଳି ବନ୍ଧୁକ ବୁକୁପରେ ତାର ଭୀଷଣତର
ଗଡ଼ର ପାଚେରି ଛିଣ୍ଡି ପଡ଼ିଲା ଧରଣୀ ତଳେ
ଦୁର୍ଗ ଶିଖରୁ ପତାକା ଖସିଲା ବଇରୀ ଗୋଳାର ଚମକ ବଳେ ।
ଭୁଲିଲେ ଦୈନ୍ୟ ଆତୁର ସୈନ୍ୟ କି ଅବା ସୁପ୍ତ କେଶରୀ ବନ୍ୟ
ବର୍ଚ୍ଛାରେ କରି ବଇରୀ ଚର୍ଚ୍ଛା
ଦେଖାଇ ଦେଲେ ରେ ପାଇକ ବଳ।

ଜନମ ମାଟିର ଅପମାନ ଆଗେ ଜୀବନ ଆମର ନୁହେଁ ରେ ବଡ଼ !
ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼ ।

—୭—

ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼,
ବୀର ବକ୍ସିର ସମରସଜ୍ଜା ଦେଖିଥିବ କେତେ ଭୀଷଣତର !
ଢମ୍ ଢମ୍ ଢମ୍ ଢମକ ବାଜିଲା ପାହାଡ଼ ତଳେ
ଦଳ ଦଳ ଦଳ ସୈନ୍ୟ ସକଳ ଠିଆହେଲେ ଧନୁର୍ବର୍ଚ୍ଛା କରେ ।
ବକ୍ସି କହିଲେ ବହ୍ନି ଜଳାଇ ଉଠିବାରେ ଆମେ ଦେଶ ଜାତି ପାଇଁ
ପରପଦାନତ ଖୋର୍ଦ୍ଧା ମାଟିର
ଆମେ ରେ ପାଇକ କାଟି ନିଜ ଶିର
ଏ ଘର ମାଟିର ମୁକ୍ତିକେତନ ଉଡ଼ାଇବା ଆମେ ପାଇକ ଦଳ;
ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼ ।

Digitized by PPRACHIN, SOA

—୮—

ଏଇ ଯେ ଦିଶୁଛି ଲାଲ୍ ମାଟିର ଖୋର୍ଦ୍ଧାଗଡ଼
ବୀର ବୀର୍ଯ୍ୟର ବିରାଟ ସାଧନା ଦେଖିଅଛି ଯଗ ବହୁତ ଥର,
ସେଦିନ ଯାଇଛି ଅତୀତ ଗରଭେ ମରବେ ମିଶି
ଦେଖିଚ ଏ ବନ କାନନ ପାହାଡ଼ ଆକାଶ ପବନ ଦିବସ ନିଶି
ଦୁର୍ଗ ପଡ଼ିଚ ଭୂଇଁରେ ଟଳି, ସେ ବୀରଦର୍ପ ଯାଇଛି ଜଳି,
ବରୁଣେଇ ଖାଲି ଟେକିଛି ମଥା
ଅତୀତ କାହାଣୀ ଗରବ କଥା
କାନେ କାନେ ଆଜ ସାରା ଓଡ଼ିଶାର କହିଯାଏ କେବା ଲକ୍ଷଥର
ଏଇ ଯେ ଦିଶୁଚି ଲାଲ୍‌ମାଟିର ଖୋର୍ଦ୍ଧାଗଡ଼ ।

❊

Digitized by PPRACHIN, SOA

ସର୍ବହରା

—୧—

ସେ' ଯେ ସର୍ବହରା ସେ'ଯେ ସର୍ବହରା ।
ତାରେ ପଣ୍ଟରେ ନାହିଁ ଏଇ ନିଖିଳ ଧରା !
ତାର ଦୁର୍ଦ୍ଦଶା ଦୁର୍ଦ୍ଦଶା ବେଦନା ଧରି
ସେ' ତ ଗୁଳିଚ ନଚ ସେ' ତ ଗୁଳିଚ ନଚ
ତାରେ ପାଏନା କେହି ଭଲ ହୃଦୟ ଭରି !
ତା'ରେ ବୁଝେନା କେହି ତାରେ ଜାଣେନା କେହି
କେହି ଭୁରଏ ନାହିଁ ମଥା ତାହାକୁ ନେଇ
ସେ' ଯେ ସର୍ବହରା ସେ' ଯେ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !!

—୨

ଫୁଲ, ଫୁଟିଲେ ଅବା ତା'ର କି ଆସେ ଯାଏ ?
ସେ'ବା ; କି ଶିଖି ପାଏ ସ୍ନେହ ଚଇତ ବାଏ ?
ଆସୁ ସଞ୍ଜ ଧରି ତାର ମୋହନ ମାୟା
ଆସୁ ସକାଳ ଯେନ ତାର ପାଟଳ ଛାୟା !
କଳ-କଣ୍ଠଭୋଳ ଗାଉ ବହଗ ଗୀତ
ଜାଗୁ କନକ ଶିଖି ଏଇ ମାଟିରେ ନିତ,

Digitized by PPRACHIN, SOA

ତାର ବକ୍ଷତଳ ନାହିଁ ଜଳୁଥିଲି ଜଠର
ସେ'ତ ପାଏନ କାହିଁ ହେଲେ ଖାଇବ ମୁଠେ !
ସେ'ସେ ସର୍ବହରା ସେ'ସେ ସର୍ବହରା !
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !

— ୩ —

ତୁମ ଦୁଆରେ ଯେବେ ପାଦ ପକାଏ ଯାଇ
ମାଗେ ମୁଠିଏ ହେଲେ କେତେ କରୁଣ ଗୁହାରି !
ତୁମ ଶତ୍ରୁ ତଳେ ନାହିଁ ଶନ୍ତା ଛୁଏଁ
ଖାଲି ଘଉଡ଼ ଦେବା ପାଇଁ ଇଚ୍ଛା ହୁଏ
ତୁମେ ଘଉଡ଼ ଦେଲେ ସେତୁ ଦୂରେଇଯାଏ
ତାର ଲୋଚନୁ ଟୋପେ ଲୁହ ଗଡ଼େନା ହାଏ !
ସେ'ସେ ସର୍ବହରା ସେ'ସେ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !

— ୪ —

ଏଇ ମାଟିରେ ଦିନେ ହେଲେ ମଣିଷ ପରି
ସେ'ତ ଗୁଲନ୍ଦ ଓଠେ ହସ ଟିକଏ ଭରି !
ତା'ର ମନର କେଉଁ ଦୂର ଗୋପନ ପୁରେ
କେତେ ଆଘାତ ବାଜଇଠେ କରୁଣ ସୁରେ !
ସେ'ତ କହୁନ କା'ରେ ସେ'ତ କହେନ କା'ରେ
ସବୁ କହିବା ପାଇଁ ତାର କେ' ଅଛୁ ହା'ରେ !!
କିଏ ଶୁଣିବ ତାକୁ ଅବା ହୃଦୟ ଭରି
କିଏ ଦେଖିନ କାହିଁ ଅବା ଗୁଳେ ତା' ତଣ୍ଟି
ସେ'ତ ସର୍ବହରା ସେ'ତ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !!

Digitized by PPRACHIN, SOA

— ୫ —

ତା'ର ଶୁଷ୍କ ଦେହ ତା'ର ଶୁଷ୍କ ମନ !
ତା'ର ଶିକ୍ଷା ନାହିଁ ତା'ର ଦୀକ୍ଷା ନାହିଁ
ତା'ର ଲକ୍ଷ୍ୟ ଜାଗେ ନାହିଁ ଶ୍ରେଷ୍ଠତମ !
ତା'ର ହିଂସା ଜାଗେ ନାହିଁ କାହାରି ପାଇଁ !
ତା'ରେ ରହିଛି ଘେରି ଶୋକ ଦୁଃଖ ଜରା
ସବୁ ବାଧାରେ ସେହି ତର ବାଧକା ପରା !
ସବୁ ଦଇନ ତା'ର ଘନ ମଥାରେ ଭରି
ସେ'ତ ଗୃଲଚ ଭୂନେ ଏକ ଜନ୍ତୁ ପରି !
ତା'ର ଭାଗ୍ୟ ଗୋଟି ଫେରି ଆଣିବା ପାଇଁ
ତା'ର କ ଅଛି ଗୃଷ ଏଇ ଧରାରେ ହାଇ !
ସେ'ତ ସର୍ବହରା ସେ'ତ ସର୍ବହରା
ତା'ର ଜୀବନ ଖାଲି ବ୍ୟଥା ବେଦନା ଭରା !

— ୬ —

ସେହୁ ଆସିଛୁ କାଟି ଯେତେ ଝଞ୍ଜା ଝଡ଼
ସେତେ ଝଞ୍ଜା ବଢ଼େ ପୁଣି ପ୍ରବଳତର !
ସେହୁ ଦେଖୁଚ ଯେବେ ଟିକେ ଆଶାର ଛବି
ସେତେ ନିଆଶା ସୁଅ ଆସେ ସୁଦୂରୁ ବହି !
ସେତ ଭାଙ୍ଗି ପଡ଼ିଅଛି ବହୁତ ବାର
ଯେତେ ଚେଷ୍ଟା କଲେ ସେ'ତ ପାରୁନି ଉଠି
ଖାଲି ହାହାକାର ଯାହା ହେଉଚ ସାର
ତାର ଭଙ୍ଗା ଦେହ ଆଜ ଭଙ୍ଗା ମନ—
ଧରି ଗୃଲଚ ଏ ମାଟିର ସକଳ କ୍ଷଣ
ସେ'ଯେ ସର୍ବହରା ସେ'ଯେ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !

Digitized by PPRACHIN, SOA

—୭—

ନତି କାନ୍ଦୁନିକ ତା'ର ବକ୍ଷତଳେ
ପ୍ରତି ରକ୍ତକଣା ସତେ କି କଲବଲେ !
ନତି ଛଟ୍ ପଟେଇ ସେ'କ ଯାଉନ ହୋଇ ?
ପଥେ ଗୁଳିଲବେଳେ କୋଟି ବେଦନା ବୋହ୍ବ !
ବାଣୀ ଜାଗୁନ କରେ ତାର ବକ୍ଷତଳେ
ସତେ କି ସ୍ୱାନମାନେ ଅଛୁ ଧରଣୀ ପରେ !
ତାର ବସୁଧା ପରେ ଲବେ ନାଇଁରେ ଥାନ
ନୁହେଁ ସେ ଲଗି କରେ ତାର ଆକୁଳ ପ୍ରାଣ !
ତାର ବନ୍ଧୁ ନାଇଁ ତାର ସୋଦର ନାଇଁ
ସେ'ବା କରିବ କସ ? ଖାଲି ରହିବ ଗୁହିଁ !
ସେ'ତ ସର୍ବହରା ସେ'ତ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା ।

—୮—

ସେ'ତ ଚନ୍ଦ୍ରାଧାରା ନୁହେଁ କବିର ଖାଲି
ସେ'ତ ତୁମର ଏଇ ମାଟି ଜୀବନ ନାଡ଼ି !
ସେ'ତ ଶିଳ୍ପୀ ତୁଳୀମୁନେ ଚିତ୍ର ନୁହେଁ
ସେ'ତ ଗୋଟିଏ ଧାରା ତୁମ ଅସୀମ ସୁଏ !
ସେ'ତ ଛିନ୍ନ ନୁହେଁ ସେ'ତ ଭିନ୍ନ ନୁହେଁ
ସେ'ତ ଖସୁଛି ତୁମ ଏଇ ସାଗର ସୁଏ !
ତୁମେ ଗୁଳିଚ ଦୂରେ ତୁମ ତରଣୀ ବାହି
ତୁମ ତରଣୀ ପାଖେ ସେ ଯେ ରହିବ ଗୁହିଁ
ସେ'ତ ଉଡେଇ ଟୁଟେଇ ହୋଇ ଯାଉଚି ବୁଡ଼ି
ତୁମେ ଯାଉଚ କେଉଁ ଦୂର କନକପୁରୀ ?
ସେ'ଯେ ସର୍ବହରା ସେ'ଯେ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା ।

*

Digitized by PPRACHIN, SOA

କିଏ ତାହାର ଆପଣାର !

କରନା ତାହାରେ ଦୂର୍ ଦୂର୍ ମାର୍ ମାର୍,
ସେ ଯେ ଧରଣୀର ଗୋଟିଏ ଅଶ୍ରୁଧାର !
କେହି ଜଣେ ତା'ର ନାହିଁ ଆପଣାର
ବୁଝିବାକୁ ଲବେ ବେଦନାର ଭାର
ଶତ ବେଦନାର କଷାଘାତେ ତାର
ଭାଙ୍ଗିଯାଏ ମେରୁହାଡ଼
କରନା ତାହାରେ ଦୂର୍ ଦୂର୍ ମାର୍ ମାର୍ !

ସଭିଏ କାହିଁକି ନିଠୁର-ଗୃହିଣୀ ତାଳ
ମର୍ମେ ତା'ରେ ଦେଉଅଛ ଏତେ ଗାଳି !
ସେ' କିଏ ମାଟିର ନୁହେଁ କୋଳ ସଙ୍ଗାଳି ?
ରହିବାକୁ ସେ କି ନୁହେଁ ଏଥି ଅଧିକାରୀ ?
ଏଇ ପୃଥିବୀରେ ତୁମରି ପରି ସେ
ରକ୍ତ ମାଉଁସ-ଧାରୀ ।

ରୁଗ୍ଣ ପଙ୍ଗୁ ତା' ଦେହର ତଳେ ତଳେ
ମୁଗ୍ଧ ମଧୁର ଅନ୍ତରଟିଏ ଜଳେ
କାନ୍ଦି ଉଠଇ ସେଇ ଅନ୍ତର
ନୟନୁ ବୁହାଇ ଲୁହ ଝରଝର
ମଣିଷଠୁ କଣ ମଣିଷ ଏଭଳି
ଭର୍ତ୍ସନା ଆଶା-କରେ ?

Digitized by PPRACHIN, SOA

ରୁଗ୍ଣ ପଙ୍ଗୁ ତା ଦେହର ତଳେ ତଳେ
ମୁଗ୍ଧ ମଧୁର ଅନ୍ତରଟିଏ ଜଳେ !

ହେଉ ସେ ରୁଗ୍ଣ ହେଉ ସେ ପଙ୍ଗୁ
ମିଳୁ ତା' ମାଂସ ହାଡ଼
ସେ ମିଳା ମାଉଁସୁ ଝରପଡ଼ୁ ପୋକ
କଣ ତାରେ ନାଦ୍‌ଖାର
ଶତ ଦାରିଦ୍ର୍ୟ ଅଭାବ ଭିତରେ
ଘରଣୀ ତାହାର ଗୃହଲୁ କଲବଲେ
ତଥାପି ତାହାଠି ମଣିଷ ଅଛିରେ
କର ତାରେ ଆପଣାର !
ହେଉ ସେ ରୁଗ୍ଣ ହେଉ ସେ ପଙ୍ଗୁ
ମିଳୁ ତା' ମାଂସ ହାଡ଼ ।

*

ଲୁହର ଦାବୀ

କଳା କଳା ଖଣ୍ଡେ ପିନ୍ଧି ଏ ବଜନ ପଡ଼ିଆରେ
ବସିଅଛି ମେହେନ୍ତରର ଝିଅଟା ମରୁଆ
ସକାଳୁ ଖାଇନି ସିଏ ବେଳ ହେବ ବାର ଘଡ଼ି
ଜଗିଛି ଏକାକୀ ଏଥି ପାଚିଲା ମାଣ୍ଡିଆ !

ଘରେ ତା' ଗୁଟେଟି ପିଲା ହେଉଥିବେ ଛଟପଟ
ତାଙ୍କୁ ଯେବେ ବେଳୁ ବେଳ କରୁଥିବ ଶୋକ
ଗିରସ୍ତ ତା ବୁଲୁଥାଏ ମନ ଇଚ୍ଛା ଏଣେ ତେଣେ
ବୁଝେନି ପିଲାଙ୍କୁ ବାଟର ଦେବା ପାଇଁ ଡୋକ ।

କହିଲ ସକଳେ ମତେ, ଶୀର୍ଣ୍ଣ ତା' ନୟନୁ ଢାଳ
କେତେ ବେଦନାର ସୀମାହୀନ ଲୁହଧାର
ସେ'ଘର କରିଛି ସେବା ପହିଁରା ଗୁଞ୍ଜୁଣୀ ଝକ
ଚଳିଯାଏ ମୋର ପ୍ରତିଦିନ ଯା' ଆଧାର ।

ବଡ଼ ଦୁଃଖେ ଏ ପିଲାଙ୍କୁ ଚଳାଏ ମୁଁ ଏକା ଏକା
ଭୁଣ୍ଡିରୁ ଆଧାର ଦେଇ ବାର ନାରଖାରେ
ଖଧା ପଟା କରିବାକୁ ମିଳେ ନାହିଁ ପଇସାଏ
ତୁମ ଆଗେ କହିବନି ଦୁଃଖ କାହିଁ ବାରେ ?

Digitized by PPRACHIN, SOA

ପିଲାଟା ମୋ ହୁଏ ଉଇଁ ଉଇଁ ମାଛ ଟିକେ ଖାଇବାକୁ
ପାରେନା ମୁଁ ଦେଇ, ଯାଏ ମାଗି କା' ଦୁଆରେ
କେ' ଦେଲେ କେ' ଦଅନ୍ତନ, ଭଲମନ୍ଦ କାହୁଁ ଅବା
ଦେଖିବେ ପିଲାଏ ମୋର ଗରିବ ସଂସାରେ !

ହେଇଟି ଦେଖୁଚ ବାବୁ ! ପିନ୍ଧିଚ ଏ ଚିରାକନା
ବାହାରକୁ ଯିବା ପାଇଁ ଲାଗୁଚ ସରମ
ହାଡ଼କୁନ ବୋଲି କଣ ଆମର ମହତ ନାହିଁ ?
କଅଣ କରିବୁ ଆମ ଗରିବ କରମ !

ପେଟରେ ମୋ ଆଠମାସ ଭୋକ ତ ହୁଅଇ ବେଶୀ
ସକାଳୁ ମୁଁ ଉଠି ଯେବେ ଦାନ୍ତ ଘଷିଦିଏ
ନଥାଏ ମୁଠିଏ ଭାତ ପାଣି ମନ୍ଦେ ପିଇ ଛନ୍ଦେ
ମନସଧ ମରେ ଆଣି ଦବ ଅବା କଏ ?

କେତେ ମୁଁ ଅନାସ୍ତ ହୁଏ ମନ କଥା ମନେ ରହେ
ପଠାଇଚ ଯାଆ ଏଠି କରିବୁ ପାଣ୍ଡିଆ
ଏତେବେଳ ହେଲା ଆସି ପିଲେ କାନ୍ଦୁଥିବେ ଘରେ
ବାଆ ତା'ର କହିଥିଲା ନ ଆସିଲା କଆଁ ?

ଶୁଣି ତା' ଅନ୍ତର କଥା ଫେରିଲି ମୁଁ ପଥେ ପଥେ
ତଥାପି ପଛକୁ ଫେରି ନିମିଷକେ ଚାହେଁ
କଳା କନା ଖଣ୍ଡେ ପିନ୍ଧି ବଜନ ସେ ପଡ଼ିଆରେ
ସେଇପରି ବସିଅଛି କେତେବେଳ ଯାଏଁ !

ଉତ୍‌ପକ୍ଷ୍ମ ନୟନେ ପୁଣି ଚାହିଁଲି ବହୁତ ଦୂରୁ
ଦେଖିଲି ବସିଚି ସେଇ ଦୁଃଖିନୀ ମରୁଆ
ଦେଖିଲି ସେ କଳା କନା ତଳୁ ଯାହା ବାହାରୁଚି
ନିଖିଳ ପୃଥ୍ୱୀକୁ କରୁଅଛି ଅନ୍ଧାରୁଆ !

Digitized by PPRACHIN, SOA

ଆତୁର ଦେଖିଲି ମୁହିଁ ଏ ନିଖିଳ ଚରାଚରେ
        ମାଡ଼ି ଯାଉଅଛି ବେଶୀ ବେଶୀ ଅନ୍ଧକାର
ଜଳ ସ୍ଥଳ ଗନ୍ଧପଥ ପାହାଡ଼ ପ୍ରାନ୍ତର ଗାଆଁ
        କିଛି ହେଲେ ବସ୍ତୁ ନାହିଁ ସବୁ ଏକାକାର !

ଏହି ମହା ଅନ୍ଧକାରେ ଦେଖେ ସେଇ ପଡ଼ିଆରେ
        କେ ଆସୁଛି ଅଗ୍ନି ସମ ଚଣ୍ଡ ରୂପ ଧରି !
ପୁଞ୍ଜୀଭୂତ ଲୁହ ଅବା ମଣିଷ ପ୍ରାଣର ସେ ଯେ
        ଖେଦ ସେ ଆସୁଛି କହି ବାଣୀ ଭୟଙ୍କରୀ !

ବିରାଟ ଏ ଧରଣୀରେ କରିବାକୁ ଉପଭୋଗ
        ସକଳର ଅଛି ଦାବି ଅଛି ଅଧିକାର
ସଭିଏ ହସିବେ ଏଥି ସଭିଏ ନାଚିବେ ସୁଖେ
        ଜୀବନ ଅମୃତ ଶିରୀ ଭୁଞ୍ଜି ଅନିବାର

ସବୁରି ଅନ୍ତର ଲୋଡ଼େ ଧନମାନ ଗଉରବ
        ସବୁରି ଅନ୍ତର ଚଳେ ଜଳେ ଅଗ୍ନି ଏକ
ସବୁରି ଏ ଜଳସ୍ଥଳ ଆକାଶ ଭୁବନ ବାୟୁ
        ସଭିଏ ବଞ୍ଚିବେ ଏଥି ନ ହୋଇ ନିରେଖ !

କହରେ ମଣିଷ କହ ! କିଏ ତୋ ନୟନେ ଦେଲା
        ବିଷର କଜଳ ରେଖା ନିବଡ଼େ ନିର୍ମମେ
କେ' କହିଲା ଦୁଃଖିବାର ଅସଂଖ୍ୟ ଜୀବନ ଚୁହି
        ମାରି ହାଣି ଦୋଳିଥିବୁ ସୁଖର ସପନେ !

ଘିଅ ଦୁଧ ମାଛ ଭାତ ଖାଇ ତୁ ରହିବୁ ଏଥି
        ଅସଂଖ୍ୟ ଜନତା ମରୁଥିବେ ହା'ହାକାରେ
ରାକ୍ଷସ ତୁ ପିଶାଚ ତୁ ମଣିଷର ଖୋଳ ଧରି
        କଳଙ୍କ ବୋଳୁଚୁ ଏଇ ସୁନାର ସଂସାରେ !

Digitized by PPRACHIN, SOA

ସୀମାହୀନ ବେଦନା ମୁଁ ଏଇ ମହା-ପୃଥିବୀର
ଆସିଚି ମୁଁ ଅଗ୍ନି ହୋଇ ଦେବି ଧ୍ୱଂସ କରି
ଯେଉଁଠି ଶୃଙ୍ଖଳକୁ ଭୁଞ୍ଜି ଅସୀମ ଏ ଜନତାରେ
ତୋ' ଅନ୍ୟାୟ ରଥଚକ୍ରେ ପ୍ରତିନିୟତ ଦଳି !

ତୋ ଆଖିରେ ମଣିଷର ପ୍ରାଣବୋଲା ପ୍ରୀତି ନାହିଁ
ବକ୍ଷେ ନାହିଁ ମଣିଷର କରୁଣା ସେନେହ
ବିରାଟ ନରକ ଶାଳା ତୋ ଅନ୍ତର ଦେହମନ
ପୂର୍ଣ୍ଣ ତହିଁ ସ୍ୱାର୍ଥ ଅବିଶ୍ୱାସ ଓ ସନ୍ଦେହ !!

ତୋ' ଭଳି ପ୍ରାଣର ନାହିଁ ଦଣ୍ଡେ ହେଲେ ଅଧିକାର
ଏଇ ବସୁନ୍ଧରା ପରେ ବଞ୍ଚି ରହିବାର
ତୋହର ନିଶ୍ୱାସ ତାପେ ସିଝିଯାଏ ଯେଉଁଠାରେ
ସୀମାହୀନ ଜନତାର ଅନ୍ତର ବାହାର ।

ଯେ ମଣିଷ ମଣିଷର ବ୍ୟଥା ଏକା ବୁଝିପାରେ
ସବୁରଙ୍କି ଦିଏ ପ୍ରାଣ ଖୋଲି ମଧୁଧାର
ତାରି ଏକା ଅଧିକାର ଏ ମାଟିରେ ରହିବାର
ତା'ପରଶେ ସ୍ୱର୍ଗଭଳି ନାଚେ ବସୁନ୍ଧରା ।

✻

Digitized by PPRACHIN, SOA

କେଉଁ ଅନ୍ଧାରେ ଗଲ
ବାହି ତୁମ ତରଣୀ ।

ଯେଉଁଠାରେ ନାହିଁ ହୃଦ ଦିଆ ଦେଇ ଟିକିଏ
ଲମ୍ବିତ ଗଗନ କିଏ କାହିଁ ଅଛୁ ଦେଖି ହେ ?
କଥାକେ କଥାକେ ଖାଲି ଗୁଲ୍‌ବାଜି ଖେଳଇ
ଜଣକୁ ଜଣେ ଯେ ଜଗି ଜଗି ଖାଲି ଚଳଇ !

ଜଣେ ଯେବେ ହସି ହୃଦଭରି କଥା କହଇ
ଆନ ଜଣେ ଖାଲି ଗମ୍ଭୀର ହୋଇ ରହଇ !
ଯେନେହ ସୋହାଗ ମଧୁ ଆଳାପନ ଭିତରେ
ଛୁରି ଧରି ଜଣେ ଚୋଟି କାଟି ଗଲେ ସତରେ ।

ସତ କହିବାକୁ କା'ର ଗୁଣ୍ଡ ନାହିଁ ପଟାଏ
ମିଛ କହିବାକୁ ଜଣେ ଯେ ଜଣକୁ ବଟାଏ
ମିଛରେ ଭଣ୍ଡି ଯେ ଯାରେ ପାରିଲା ମାରି ହେ
ସେ ପୁଣି ସବୁଠୁ ପାରିବାର ଅଟେ ଭାରି ହେ ।

ହଟହଟା କରି ଆନକୁ ପାରିବା ଦବାଇ
ଆନର ବପଦେ ହସି ବାହାଦୁରୀ ନବା ସ୍ବିଁ—
ପୌରୁଷ ବୋଲି ଗର୍ବ ଯେ ଗୁଣ୍ଡ ଠେକଇ
ସିଏ ପୁଣି ସାର ମଣିଷ ଦୁନିଆ ଲେଖଇ !!

Digitized by PPRACHIN, SOA

ଆଜ ଯିଏ ତୁମ ବନ୍ଧୁ ପଡ଼ଶା ଭାଇ ହେ
କାଲି ଢ' ଗୋଇଠା ଦେଲଣି ତାହାକୁ ଥୋଇ ହେ
ପରଦିନ ତାକୁ ପଥ ଭିକ୍ଷୁକ କଲଣି
ଜୀବନ ଧରି ଯା ବଞ୍ଚି ରହିଚ, ମଲନି ?

ସୀମାହୀନ କେତେ ଜୀବନର ଡେଉ ଖେଳଇ
ଚୁହିଁଦେଲେ ତଳେ ଅନ୍ତର କେତେ ଦୂରଇ ?
ଏ ମହାମିଳନାରେ ଆଶ୍ଳେଷ ଦେଇ ନପୁତ
ଚୁଲିବାକୁ ତୁମ ଇଚ୍ଛା ହେଉନି କପୂତ ?

ଅନ୍ତର ଭରି ଦୁନିଆକୁ ଭଲ ପାଇବା
ଦୁନିଆ ଓଠରେ ହସର ଜୁଆର ବାନ୍ଧିବା
ଏକି ନୁହେଁ ତୁମ ଜୀବନର ମଧୁ ସରଣୀ ?
କେଉଁ ଅନ୍ଧାରେ ଚୁଲ ବାନ୍ଧି ତୁମ ତରଣୀ ?

❋

Digitized by PPRACHIN, SOA

ସମ୍ରାଟ ଓ ଫକୀର

ଖିଳବିଶ୍ୱର ସ୍ରଷ୍ଟା ସେଦିନ ଦେଲେ ଯେ ଘୋଷଣାଟିଏ
"ସାରା ଧରଣୀର ସମ୍ରାଟ ପଦ ପାଇବାକୁ ଲୋଡ଼ େକିଏ ?
ଆଣିଥିବି କରେ ମୁକୁଟ ଗୋଟିଏ ଅତି ସୁନ୍ଦରତର,
ଶତ ମଣି ଶତ ମୁକ୍ତାର ତେଜେ ଦିଶୁଥିବ ଝଲମଲ !

'ସମ୍ରାଟ ହେବ ସମ୍ରାଟ ହେବ ମୁହିଁ ହେବ ସମ୍ରାଟ'—
ବୋଲି, ସମ୍ମୁଖରେ ମୋର ଯେ, ଟେକିବ ଉଚେ ଯୁଗଳ ହାତ,
ମୁକୁଟ ମୁଁ ତାର ଶିରେ ଖଚି ଦେବି, ସେହି ହେବ ସମ୍ରାଟ,
ଧରଣୀର ପ୍ରତି ଅନ୍ତରୁ ସେହୁ ପାଉଥିବ ପ୍ରଣିପାତ ।

ଯାହା ସେ କହିବ, ଯାହା ସେ ଚାହିଁବ ସକଳ ପାରିବ ପାଇ
ଧନ ଜନ ମାନ କେଉଁ ସମ୍ପଦୁ ଊଣା ସେ ହୋଇବ ନାହିଁ ।"
କେତେ ଦିନ ପରେ ନିଖିଳ ସ୍ରଷ୍ଟା ଦେଖିଲେ ଯେତ୍ତିସମ୍ମୁଖେ
ମଣିଷର ମହାପାରାବାର କିବା ଚାହିଁଅଛି ଉତ୍ସୁକେ !

ପ୍ରତି ଅନ୍ତରେ ପୁଲକ-ଊର୍ମି-କଳ-ବେଣୁ ତୋଳି ଖେଳେ,
ପ୍ରତି ଅନ୍ତରେ ସମ୍ରାଟ ଆଶା କି ବିରାଟ ହୋଇ ଜଳେ !
ସ୍ରଷ୍ଟା ଯେବେ ସେ ଠିଆହେଲେ ଆସି ଏ ମହାଜନତା ଆଗେ
'ସମ୍ରାଟ ହେବ' 'ସମ୍ରାଟ ହେବ' ଖାଲି ଚିତ୍କାର ଜାଗେ !!!

Digitized by PPRACHIN, SOA

ଯାହା ଶିର ନାହିଁ ଅବନତ ହେଲା ସ୍ରଷ୍ଟା ଚରଣ ତଳେ,
ସମ୍ରାଟ ପଦ-ନିଶା- ଉନ୍ମତ୍ତ ଜନତା ଉଚ୍ଚସ୍ୱରେ—
ଚିତ୍କାର କରେ ଚିତ୍କାର କରେ 'ମୁହିଁ ହେବି ସମ୍ରାଟ' !
ସ୍ରଷ୍ଟା କହିଲେ ଜନତାର ଆଗେ ଉତ୍ତୋଳି ଦେଇ ହାତ—

"ଦୁଃଖର କଥା ଜାଣି ନ ଥିଲି ମୁଁ ସବୁ ହେବେ ସମ୍ରାଟ,
ଆଣିଚି ଜମା ମୁଁ ଗୋଟିଏ ମୁକୁଟ କାହିଁ ନଷ୍ଟକ୍ତି ବାଟ ?
ଆଉଦିନେ ପୁଣି ନିଷ୍ପତ୍ତି ହେବ, ଆଜ ମୁଁ ଯାଉଚ ଚୁଲି ?
ଫକୀର ହେବାକୁ କଏସେ ଲୋଡ଼ୁଚ ଆସିବ ଏ ଥାନେ କାଲି !

ଆଣିଥିବି ମୁହିଁ ଗୈରିକ ବାସ ପିନ୍ଧାଇ ଦେବି ତାରେ
କାର ପରି ସେହୁ ଥିବ ଅବିଚଳ ଦୁଃଖ ଓ ହାହାକାରେ ।
ମୋର ଧରଣୀର ପ୍ରତି ଅନ୍ତରେ ଦେବ ଆନନ୍ଦ ବାଣୀ,
ଆପଣାରୁ ବଳି ଅତି ଆପଣାର ଦେଖିବ ସକଳ ପ୍ରାଣୀ,

ନଥିବ ତାହାର ପର ଓ ଆପଣା ନାଇଁଥିବ ଘରଦ୍ୱାର,
ଆକାଶ ଅବନୀ ସ୍ୱର୍ଗରୁ ବଳି ହେବ ତାର ପରିବାର ।'
ସେଦିନ ଆସିଲେ ସ୍ରଷ୍ଟା ହାତରେ ଗୈରିକ ବାସ ଧରି
ଦେଖିଲେ କେ ନାଇଁ, ଦୂରେ ବସିଚି କେ ଗୋଟିଏ ଚିହ୍ନପରି,

ଚାଲିଲେ ସ୍ରଷ୍ଟା ଯେତେ ଆଗେ ଆଗେ ଉଜ୍ଜ୍ୱଳ ଚୁରିଆଡ଼,
ମଣିଷ ଗୋଟିଏ ନାଚି ନାଚି ଆସେ ଆନନ୍ଦ-ମତୁଆଳ,
ସ୍ରଷ୍ଟା ଚରଣେ ନତ କରି ଶିର କହେ ବାର ବାର କରି,
"ଚିରକାଳ ମତେ ଏ ଫକୀର ବେଶେ ରଖିଥାଅ ନରହରି !

ତୁମର ଲାଗିକେ ଫକୀର ହୋଇ ମୁଁ କାଟିନିଏ ମୋର କାଳ,
ମୋର ଯାହା ଅଛି ମହାବିଶ୍ୱର ପାଉ ତାହା ଚୁରିଆଡ଼େ ।"
ସମ୍ରାଟ ଶିର ମୁକୁଟ ଗୋଟିକ ବାନ୍ଧି ତାହାର ଶିରେ,
ହସି ହସି ତାରେ ସ୍ରଷ୍ଟା କହିଲେ ମଞ୍ଜୁ ମଧୁର ଗୀରେ

'ତୁମେ ଧରଣୀର ସମ୍ରାଟ ଲାଗି ଏକଇ ମାତ୍ର ପୁଅ
'ତୁମର ଭିତରେ ବଞ୍ଚି ଉଠଇ ବିଶ୍ୱ ପ୍ରାଣରେ ସୁଅ ।"

❊

Digitized by PPRACHIN, SOA

ପଡ଼ିଛି ଏ ଶ୍ରମିକଟି ଶୋଇ !

ଦିନଯାକ ହାଡ଼ଭଙ୍ଗା କାମ କରି କରି,
କ୍ଲାନ୍ତ ଆଜି ଅବସାଦ ଭରେ,
ପଡ଼ିଛି ଏ ଶ୍ରମିକଟି ଶୋଇ,
ବିସ୍ତୀର୍ଣ୍ଣ ମୁକୁଳା ଏଇ ଘାସ ପଡ଼ିଆରେ !
ମାରୁଛି ଘୁଙ୍ଗୁଡ଼ି,
ଆରାମେ ପଡ଼ିଛି ଶୋଇ,
ସବୁ ଦୈନ୍ୟ, ଅଭାବ ଜଞ୍ଜାଳ ଜାଳା,
ଯେହେତୁ ଯାଇଅଛି ଭୁଲି !
ଶୋଉ ! ଶୋଉ ! ଆହୁରି ନିବିଡ଼ ନିଦେ ଶୋଉ;
ସାଥୀ ! ତାରେ
ଉଠାଅନି ଉଠାଅନି କେହି;
ପ୍ରାଣ ଦାମୀ ସୈନିକ ସେ
ଏ ମାଟିର, ଏ ଦେଶର, ଏଇ ସମାଜର
ଚାହୁଁଛ କି ତାରେ,
ଅବଜ୍ଞାର ଦୃଷ୍ଟି ଢାଳି ?
ନା ! ନା ! ଶୋଉ ସିଏ, ଆହୁରି ନିବିଡ଼ ନିଦେ,
ପୃଥିବୀର ଏ ଘାସ ଶଯ୍ୟାପରେ,
ପୃଥିବୀ ତାହାର ଘର,
ଘର ତାର ବନ୍ଧା ନୁହେଁ
କ୍ଷୁଦ୍ର ମାଟି ଚେକକରେ ।

Digitized by PPRACHIN, SOA

ଗୃହିଁ ତାରେ, ପ୍ରାଣ ଭରି
ହୃଦ ଭରି ଗୃହିଁ ତାରେ ଥରେ;
ଯାତ୍ରି ! ତୁମେ ଯାଉଅଛ
ଏଇ ପଥପାର୍ଶ୍ୱେ, କରି କୋଳାହଳ !
ଯାଅ, କିନ୍ତୁ
ଭଙ୍ଗିନ ତାହାର ନିଦ,
ଦିଅ ତାରେ କ୍ଷଣେ ଅବସର;
ଭଲ କରି ଶୋଉ ସିଏ, ଦେଖୁଥାଉ ସ୍ୱପ୍ନ ଆନନ୍ଦର !
ଯାତ୍ରି ! ତୁମେ କରୁଚ କି ଉପହାସ ?
ତାହାର ଜୀବନ ନାହିଁ ?
ତାହାର ଆନନ୍ଦ ନାହିଁ ?
ସିଏ ଖାଲି, ଗୋଟିଏ ମାଟିର ପିଣ୍ଡୁଳା
—ପ୍ରାଣହୀନ ପ୍ରାଣୀ !
ଗାଈ ଗୋରୁ ମଇଁଷି ପରିଏ,
ପଥଧାରେ ପଡ଼ିଅଛି ଶୋଇ
ମଶା ଓ ଡାଉଁଶ ତାରେ ରହିଛନ୍ତି ବେଢି ;
ଜୀର୍ଣ୍ଣ ବାସ ପରିହିତ ହୋଇ
ବାହୁ-ଉପାଧାନେ ରହିଅଛି ପଡ଼ି ?
ନା ! ନା ! ମନୁଷ୍ୟର ମନୁଷ୍ୟ ସେ,
ପୃଥିବୀରେ ରହିଅଛି ଧରି !
ଶୋଉ ସିଏ; ଟିକିଏ ଆରାମେ ଶୋଉ, ଆଉ କେତେ ଘଡ଼ି .

Digitized by PPRACHIN, SOA

ସମାଧି ମନ୍ଦିର

ଯେଉଁଦିନ ମୋହର ଜୀବନର ଦୀପ ଲିଭିଯିବ ଏଇ ପଥେ,
ଯେଉଁଦିନ ମୋହର ଲଳିତ ବଂଶୀ ବାଜିବନି ଅଧରତେ,
ଯେଉଁଦିନ ମୋହର ଦେଖା ସାକ୍ଷାତ ହେବ ନାହିଁ କାହା ସହ,
ଯେଉଁଦିନ ମୋହର ଶତସଖା ସାଥି ଅନ୍ତର ପରିଚୟ—
ସକଳର ସାଥେ ମଧୁ ବନ୍ଧନ ନିମିଷକେ ଯିବ କଟି,
ଯେଉଁଦିନ ନୟନ ଦେଖିବନି ଏଇ ବିଲ ବନ ଗଛ ଲଟି,
ଯେଉଁଦିନ ମୋହର ସକଳ ସତ୍ତା ଧରଣୀରୁ ନିଭିଯିବ,
ଆପଣାର ହୋଇ କିଏ ଯେବେ କାହିଁ ବନ୍ଧୁ ସୋଦର ଥିବ,
ଗରିବ କବର ଏଇ ଅନୁରୋଧ-ରକ୍ଷା କରିବ ତମେ
କହିଯାଉଚି ମୁଁ ତୁମରି ବନ୍ଧୁ ଅତି ଆପଣାର ଜଣେ—
ମୋର ସମାଧିର ମନ୍ଦିରଟିଏ ଗଢିବ ହେ ସେଇ ଥାନେ,
ଗିରି ନଦୀ ଯହିଁ ବହିଯାଏ ନିତି ମନ୍ଦ୍ର ମଧୁର ତାନେ ।

ଯହିଁ ଠିଆ ହେଲେ ଦିଶଇ ସୋଲଗ୍ନ ନୀଳ ନିର୍ମଳ କାୟା,
ଊର୍ମି ମୁଖର ନୀଳ ଚିଲିକାର ଦିଶଇ କାନ୍ତ ଛାୟା,
ପଶ୍ଚିମ ଦିଗ୍‌ବଳୟର ତଳେ ଧୂସର ପାହାଡ଼ ଶ୍ରେଣୀ,
ଧରଣୀ ରାଣୀ କି ପକାଇଚି ଜୁଡ଼ା, ବାନ୍ଧିଚି କଳା ବେଣୀ !
ତଳଦେଶେ ଖାଲି ଶ୍ୟାମଳ ଶସ୍ୟ କୋମଳ ଶୀର୍ଷ ତୋଳି,
ଊଷାର ମୃଦୁଳ ବାୟୁ ସଞ୍ଚାରେ ଉଠୁଥିବ ସୁଖେ ଦୋଳି,
ଭଦଭଦଳିଆ ଉଡ଼ି ବୁଲୁଥିବ ଲତା ପ୍ରାନ୍ତର ତଳେ,
କଙ୍କଳପାତି ଖୋଜୁଥିବ ସାଥି ଉଡ଼ି ଉଡ଼ି ଥରେ ଥରେ

Digitized by PPRACHIN, SOA

ଗାଈଆଳ ପିଲା ବଂଶୀ ବଜାଇ ନେଉଥିବ ଧେନୁପଲ,
ବନ ଭୂଇଁ ଯହିଁ ଝିପାର ଶବଦେ ଲାଗୁଥିବ ସୁଖକର,
ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ,
ଗିରି ନଦୀ ଯହିଁ ବହୁଥାଏ ନିତି ମନ୍ଦ୍ର ମଧୁର ତାନେ ।

ଫୁଟି ଉଠେ ଯହିଁ ଅଶୋକ ପଲାଶ କେତନ ପତାକା ପରି,
ଅଳିଗୁଞ୍ଜନ ସଞ୍ଜ ସମୀରେ ମନ୍ଦେ ଉଠଇ ଥରି,
କେତକୀ ଗନ୍ଧେ ଯେଉଁ ବନଭୂମି ବାସିଉଠେ ମନ୍ଥ ମନ୍ଦ,
(ଯହିଁ) ଶୁଭ୍ର କପାସ ଧଳାମେଘ ପରି ଫୁଟିଥାଏ ଅନ୍ତରନ୍ଧ,
ବନମଲ୍ଲିକା ମାଡ଼ିଥାଏ ଯହିଁ ପାଣି ସାହାଡ଼ାର ଦେହେ,
କାଇଞ୍ଚ ପୁଞ୍ଜ ମାଣିକ୍ୟପରି ଥାଏ ଯହିଁ ଲତା ଗେହେ,
ବଟତରୁ ଯହିଁ ଶ୍ୟାମ ପଲ୍ଲବ ଆପଣା ଅଙ୍ଗ କାନ୍ତି,
ମଣ୍ଡିତ କରେ ଧରଣୀ ବକ୍ଷ ସେନେହ ସୋହାଗ ବାନ୍ଧି
ଆକାଶ ପରଶୀ ତାଳତରୁ ଶିରେ ବାଇଆ ଚଢ଼େଇ ନୀଡ଼,
ପ୍ରତି ଅନ୍ତରେ କଉତୁକ ଆଣେ, ଆଣେ ମାୟା ସୁଗଭୀର
ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ,
ଗିରି ନଦୀ ଯହିଁ ବହୁଥାଏ ନିତି ମନ୍ଦ୍ର ମଧୁର ତାନେ ।

ପଲ୍ଲୀ-କିଶୋରୀ ଜଳ କାଖେ ଧରି ଯହିଁ ସଙ୍ଗମ କୂଳେ
କଥା ଭାଷା ହୋଇ ଫେରଇ ସୋହାଗେ ଆପଣା କୁଟୀର ପୁରେ,
ଗରିବ ବିଧବା ଇନ୍ଧନ ଯହିଁ ସଂଗ୍ରହ କରି ଆସେ;
ଜୀବନର କଥା ଭାଳି ଭାଳି ଯହିଁ ନୀରବ ଲୋତକେ ଭାସେ,
ଗଛଗୁଳ ତଳେ କାଠ ଡେରି ଦେଇ ଶ୍ରାନ୍ତ ନିମିଷେ ମାରି,
ଶୂନ୍ୟକୁ ଚାହିଁ ଅଶ୍ରୁ ବୁହାଇ କହେ, "ମୁଁ ଅଭାଗୀ ନାରୀ—
ହାତ ଧରି ଯାରେ ବାହା ହୋଇଥିଲି ଅଧାବୟସରେ ଗଲା,
ଗାଆଁ ସାଉକାର ଜମିବାଡ଼ି ନେଇ ବୁଲାଇଲା ଘରେ ତାଲା
ଧର୍ମ ଦେବତା ଉପରେ ନିତି ହେ ଯିବା ଆସିବା ଯେ କରି,
ବୁଝିବ ମୋହର ଅକଳ ଅଶ୍ରୁ ବେଦନା ମୋ ମରମରି ।"
ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ,
ଗିରି ନଦୀ ଯହିଁ ବହୁଥାଏ ନିତି ମନ୍ଦ୍ର ମଧୁର ତାନେ ।

Digitized by PPRACHIN, SOA

ଶାନ୍ତ ନିସ୍ତବ୍ଧ କୃଷକ ଯେ ପଥେ ନିଜ ବଳମାନେ ଗୃହେଁ;
ନୟନରୁ ବୁହାଏ ଅଶ୍ରୁ-ଆସାର ଗୃହିଁ ଗୃହିଁପାରେ ନାହିଁ;
ବୁକୁତଳୁ ତାର କୋହ ଫାଟିପଡ଼େ ବଦନୁ ନ ଫୁଟେ ବାଣୀ
'ଏ ହାଡ ମୁଣ୍ଡେ କେତେଥର ମୁହିଁ ବୋହିଛି ନାଇଁ ବଳେ ପାଣି,
କେତେ ରାତି, କେତେ ସନ୍ଧ୍ୟା ସକାଳ ଶସ୍ୟ ଜଗିଛି ଆସି
ଖରାରେ ତରାରେ କାଆମ କରନି ଅଠକାଳ ବାରମାସୀ;
ମିଥ୍ୟା ମାମଲ୍ ଯୋଡ଼ି ମୋହ ନାମେ ମୋର ଏ ଟିକିକ ଭୂଇଁ,
ନେଇଗଲ୍ ଯେହୁ ସାତ ଜନମରେ ନାହିଁ ମିଳୁ ପେଜ ପାଣି ।
ଧରଣୀ ଉପରେ ମିଥ୍ୟାର ଆହା ଜୀବନ କାହିଁରେ କାହିଁ ?
କେତେ କାଳ ସେହୁ ବଞ୍ଚିପାରିବ କବା ସମ୍ମାନ ପାଇଁ ?
ମୋର ସମାଧିର ମନ୍ଦିରଟିଏ ତୋଳିବ ହେ ସେଇ ଥାନେ
ଗିରି ନଦୀ ଯହିଁ ବହିଯାଏ ନିତି ମନ୍ଦ୍ର ମଧୁର ତାନେ ।

ଜ୍ୟୋତ୍ସ୍ନା ରାତିରେ ପ୍ରତିପଲ୍ଲୀରେ ପୁରାଣ ଓ କୀର୍ତ୍ତନ ।
ଶୁଭୁଥିବ ଯହିଁ ବାୟୁହିଲ୍ଲୋଳେ ଭାସି ଭାସି ଅନୁକ୍ଷଣ,
ନୀଳ ନଭସ୍ତଳେ ଧଳା ମେଘ ଯହିଁ ଯାଉଥିବ ସଞ୍ଚରି,
ସେ କେଉଁ ସରଗ ଅପ୍ସରୀ ବାଳା ଓଢ଼ଣା ଉଡ଼ାଇ ପରି
ବନ ପର୍ବତ ଆକାଶ ଭୂବନ ରୂପାର ରାଇଜ ପରି,
ନାଚି ଉଠୁଥିବ ସପନ ପୁରୀର ମୁଗ୍ଧ ସୁଷମା ଧରି;
ଅଳସ ମରୁତ ବହିଯାଉଥିବ ସଞ୍ଚରି ବନେ ବନେ
ବକୁଳ ଗନ୍ଧ ଭାସି ବୁଲୁଥିବ ଚଉଦିଗେ ପ୍ରତି କ୍ଷଣେ;
ମଲ୍ଲୀ ମାଳତୀ ଝଡ଼ି ପଡ଼ୁଥିବ ଶ୍ୟାମ ବନ ଭୂଇଁଧାରେ
ଦର୍ପଣ ପରି ଦିଶୁଥିବ ନଈ ସ୍ୱର୍ଣ୍ଣସିକତା ବାରେ;
ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ,
ଗିରି ନଦୀ ଯହିଁ ବହିଯାଏ ନିତି ମନ୍ଦ୍ର ମଧୁର ତାନେ ।

ମୋର ସମାଧିର ମନ୍ଦିର ଦ୍ୱାରେ ଏଇ କଥା ଦେବ ଲେଖି
ଅସୀମ କାଳର ବକ୍ଷୁ ଜନତା ଯାଉଥିବ ଯାହା ଦେଖି,
ଧରଣୀର କେଉଁ ଅଜ୍ଞାତ କୋଣେ ଜନମିଥିଲି ମୁଁ କବି
କୋଟି ମରମର କାହାଣୀ ଗାଇଛୁ ମରମରେ ଅନୁଭବି ।

Digitized by PPRACHIN, SOA

ସବୁ ଅନ୍ତର ଅନୁଭୂତି ଦେଇ ଏଇ ଅନ୍ତର ମମ
ଧରଣୀର ସେବା କରି ଆସିଅଛି କବିତାରେ ଅନୁପମ ।
ସକଳ ଅଭାବ ଦୈନ୍ୟର ସଙ୍ଗ ସଂଗ୍ରାମ କରି କରି
ଧରଣୀ ସାଗରେ ଭୁଲିଛି ମୋହର କବି ଜୀବନର ତରି ।
ଯାହା ଯେତେବେଳେ ପାଇଛି ଦେଇଛି ଦରିଦ୍ର ମୁହିଁ କବି
ତାହାରି ଭିତରେ ଯାଉଥିବ ମୋରେ ବେଳେ ବେଳେ ଅନୁଭବି ।
ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ
ଗିରି ନଦୀ ଯହିଁ ବହିଯାଏ ନିତି ମନ୍ଦ୍ର ମଧୁର ତାନେ ।

Digitized by PPRACHIN, SOA

ସେ ମାଟି କି ମଣିଷର ମାଟି ।

ହୃଦୟ କବାଟ ଖୋଲି
ମଣିଷ ଯେଉଁଠି ହାସୁ !
ମଣିଷକୁ ଦିଏ ନାହିଁ
ସେନେହ ସମ୍ଭାର,
ମଣିଷ ଉପରେ ଯହିଁ
ମଣିଷ କରଇ ନିତି
ଘୋର ଅତ୍ୟାଚାର,
ଯେଉଁଠାରେ ମଣିଷକୁ
ଏ ମଣିଷ ଘୃଣାକରେ
ଅବଜ୍ଞାର ଦୃଷ୍ଟି ଢାଳି
ଚାହେଁ ବାର ବାର,
ସେ ମାଟି କି ମଣିଷର ମାଟି !

ପୃଥିବୀକୁ ଗ୍ରାସିବାକୁ
ଲେଲିହାନ ଜିହ୍ୱା ମେଲି
ଯେଉଁଠି ମଣିଷ କଟର —
ଶତ ଷଡ଼ଯନ୍ତ୍ର
ହତ୍ୟାରେ ଆନନ୍ଦ ଯହିଁ
ଦେଖଇ ମଣିଷ
ଚୁଲି ବୋମା
ବନ୍ଧୁକ କମାଣ,
ମଣିଷ ଯେଉଁଠି ଚୁଲେ

Digitized by PPRACHIN, SOA

ଆଟୋପ ସମ୍ଭାରେ,
ଆତଙ୍କର ଗ୍ରୁପ୍ତ ଯହିଁ
ଘେର ରହିଥାଏ ଗୃହଆଡ଼େ
ସେ ମାଟିକି ମଣିଷର ମାଟି ?

ଜଣେ ଯହିଁ ଖାଏ ବସି
ମନ ବୋଧ କରି,
ଅନ୍ୟ ଜଣେ ରହିଥାଏ ଚୃହିଁ;
ନିତଳ ସଉଧେ ଯହିଁ
ଜଣେ ରହେ ବିଦ୍ୟୁତ ଆଲୋକେ
ଆମୋଦ ପ୍ରମୋଦ ଆଉ
ସଙ୍ଗୀତର ରଙ୍ଗିନ୍ ଉତ୍ସବେ,
ଆନ ଜଣେ
କପାଳ ଆଦରି
ଭଙ୍ଗା କୁଡ଼ିଆରେ ତାର
ରହିଥାଏ
ଶୀତ ଖରା ବର୍ଷା ସହି
ବର୍ଷ ବର୍ଷ ଧରି,
କିଏରେ ରହିଚୁ ବୋଲି
ତାରେ କେହି ପଶ୍ନରେ ନ
ନିମିଷକ ପାଇଁ,
ବରଂ ତା'ର
ସମ୍ମୁଖେ ମଣିଷ
ବକ୍ଷ ଠେକି ଗ୍ଲୁଲଥାଏ
ଆପଣାର ଗୌରବ ଦେଖାଇ
ସେ ମାଟି କ ମଣିଷର ମାଟି !
ବେଦନା ଅଭାବ ଦୁଃଖ
ମଣିଷର ବୁକୁତଳେ
ଯେବେ ବହି ବହି ଯାଏ

Digitized by PPRACHIN, SOA

ପ୍ରଳୟର ଝଡ଼ ପରି
ଘନ ଘନ ଧରି,
ତିକ୍ତ ଯେବେ ଲାଗେ ତା'ରେ
ମହା ବସୁନ୍ଧରା,
ପ୍ରାଣ ଖୋଲି
କାହାକୁ କହିବ ତା'ର
ଅନ୍ତର ଦଇନ ?
ଗୋଡ଼ ଭାଙ୍ଗି ଠିଆହୁଏ
ଲବେ ଆଶା ଆଶ୍ରା ପାଇବାକୁ
କାହା ଦ୍ୱାରେ ଯାଇ,
ସେଠି ଯେବେ ଶୁଣେ ସେହୁ
କଟୁ ତିକ୍ତ ବାଣୀ,
ମହା ବସୁନ୍ଧରା ପରେ—
ଅଛି ତା'ର ଅନୁଭୂତି
ଅଛି ତା'ର ଜୀବନର ମାନ
ଅଛି ତା'ର ଦାବୀ ଅଧିକାର
ମଣିଷଠୁ ପାଇବାକୁ
ମଣିଷର ମଧୁବୋଳା—
ପୂଣ୍ୟ ବ୍ୟବହାର,
ତା'ରେ ଯଦି
ଧରଣୀ ଧୂଳିର
କ୍ଷୁଦ୍ର ପୋକ ମାଛି ପରି
ଦୂରେ ଦୂରେ
ଘଅ ଭୁଟେଇ ତଡ଼ି,
ଯେ ମାଟି ଉପରେ ଗୃଲେ
ଏଇ ଘାତ ନିଦାରୁଣ ଲୀଳା
ସେ ମାଟି କି ମଣିଷର ମାଟି !

*

Digitized by PPRACHIN, SOA

ସାଧକର ସ୍ୱପ୍ନ

ହେ ମୋର ପୃଥିବୀ ! ନ ବୁଝ ନ ବୁଝ ମୋର ସାଧନାର ମୂଲ୍ୟ !
ସକଳର ତଳେ ରହିଥାଏ ମୁହିଁ ନ ହୁଏ କାହାର ତୁଲ୍ୟ;
ମତେ ମନେକର ତୁଚ୍ଛ ଓ ହେୟ
ନ ଦିଅ ନ ଦିଅ ତୁମର ଯା ଦେୟ,
ବୁକୁ ପରେ ମୋର ଭୁସିଦିଅ ଶତ ଅବମାନନାର ଶଲ୍ୟ,
ହେ ମୋର ପୃଥିବୀ ! ନ ବୁଝ ନ ବୁଝ ମୋର ସାଧନାର ମୂଲ୍ୟ !

ତୁମରି ପାଇଁ ମୁଁ ଅଶ୍ରୁ ଝରାଏ ଫଟାଇ ମୋହର ବକ୍ଷ
ତୁମରି ସେବାରେ ପୂରିଉଠୁ ମୋର ଜୀବନର ମହାଲକ୍ଷ୍ୟ;
ତୁମ ମଙ୍ଗଳ କରେ ଅବିରଳ
ଯେତେ ପାରେ ଗୁହିଁ ମୋର ବଳ ଜଳ,
ତୁମରି ପାଇଁ ମୁଁ ଉଡ଼ିଉଠେ ନଭେ ବିସ୍ତାରି ଶ୍ରେଷ୍ଠ ପକ୍ଷ !
ତୁମରି ପାଇଁ ମୁଁ ଅଶ୍ରୁ ଝରାଏ ଫଟାଇ ମୋହର ବକ୍ଷ !

ଅନ୍ତର ଭରି ହେ ମୋର ପୃଥିବୀ ! ତୁମରେ ଦିଏ ମୁଁ ଶ୍ରଦ୍ଧା
ତୁମ ଅନ୍ତରେ ଅନ୍ତର ଭରି ନିଶିଦିନ ଥାଏ ବନ୍ଧା,
ଘନ ଅନ୍ଧାରେ ହୁଏ ଆଶ୍ରୟ,
ଛଆଡ଼ି ସକଳ ସ୍ୱାର୍ଥ ଓ ଭୟ,
ତୁମ ଆନନ୍ଦେ କଳ ଗୀତ ଗାଇ ବହେ ମୁଁ ଅଳକାନନ୍ଦା,
ଅନ୍ତର ଭରି ହେ ମୋର ପୃଥିବୀ ! ତୁମରେ ଦିଏ ମୁଁ ଶ୍ରଦ୍ଧା !

Digitized by PPRACHIN, SOA

ଢିଅନା ଢଅନା ପୌରୁଷ ମୋରେ ଢଅନା ଢଅନା ଗର୍ବ,
ସାଧନାର ମୁଁ ଯେ ନତ୍ୟ ପୂଜାରୀ ସାଧନା ହିଁ ମୋର ସର୍ବ,
ସାଧନାରୁ ମୋର ଅମୃତ ଝରେ
ପିଏ ଆନନ୍ଦେ ମୋ କୁଟୀର-ଘରେ,
ସାଧନାର କୋଳେ ଯେବେ ମୁହିଁ ଦୋଳେ ସେ ମୋର ମଧୁର ପର୍ବ
ଢଅନା ଢଅନ ପୌରୁଷ ମୋରେ ଢଅନା ଢଅନା ଗର୍ବ।

*

Digitized by PPRACHIN, SOA

ମୁଁ ଗୋ ଶୁଣୁଥିବ ଜଳ-କଳ-ରବ ?

ମୁଁ ଗୋ ଶୁଣୁଥିବ ଜଳ-କଳ-ରବ !
ମୋର ଜୀବନର ସେ' ଯେ ବଇଭବ ।
ମୁଁ ଗୋ ସବୁଜ ବଲର ହୁଡ଼ ତଳେ,
କାନ ପାତି ବସିଥିବ କୁତୂହଳେ !

ଶିରେ ଶୁଭ୍ର ବାଦଲ ଭସିଯାଉ,
ଗିରି, ଚୂଳେ ଚୂଳେ କାହ୍ନିଁ ଚରୁଥାଉ,
ନଈ ବହି ଯାଉଥାଉ ଦୂରୁ ଦୂରେ,
କରି ଗୁରୁଗରଜନ କୂଳେ କୂଳେ,

କାହ୍ନିଁ କୃଷକ କଶୋଷ୍ମ ଗୀତ ତାନ—
କରୁ ଆକୁଳ ଧରଣୀ ମନ ପ୍ରାଣ ।
ଫେରୁ ଗୋରୁଗୋଠ ଦୂର ବଣ ତଡ଼ୁ ,
ଟିପା ଶବଦେ କାନନ ପଦା ଭରୁ;

କାହ୍ନିଁ ବଂଶୀ ବଜାଇ ଗାଈଆଳ
ଛଡା ଠେକ ହେଉଥାଉ ନଈ ପାର;
ଦୂର ପାହାଡ଼ର ପାଏଁ ଧାନ କ୍ଷେତ
ଥାଉ, ଉଡ଼ାଇ ସୋହାଗେ ମାଳ ନେତ;

Digitized by PPRACHIN, SOA

ମୁଁ ଗୋ   ଶୁଣୁଥିବ କଳ-କଳ-ରବ !
ମୋର   ଜୀବନର ସେ' ଯେ ବଇଭବ ।
ମୁଁ ଗୋ   ସବୁଜ ବଲର ହାଡ଼ ତଳେ,
କାନ,   ପାତି ବସିଥିବ କୁତୂହଳେ ।

ଦୂରେ   ଠିଆ ହୋଇଥାଉ ତାଳବଣ,
କିବା,   କେଉଁ ରାଇଜର ସେନାଗଣ !
ନଈ   ଆରପାରେ ସେଇ ବଟ ତଳେ,
ଠିଆ   ହୁଅନ୍ତୁ ବାଟୋଇ ଖରାବେଳେ ।

କେଉଁ   ପଲ୍ଲୀ କିଶୋରୀ ସୁକୁମାରୀ,
ଯାଉ,   ଶାଶୁଘର ପଥେ ଚାଲି ଚାଲି,
ଭାଇ   ଆଗରେ ତାହାର ଚାଲିଥାଉ,
ଭାଳି,   କେତେ କୋଶ ବାଟ ଅଛି ଆଉ !

ବିଲେ,   କୃଷକ ବାପୁଡ଼ା ଦେଉ ମଇ,
ଗୀତ   ଗାଉଥାଉ କେବେ ରହି ରହି,
ଧାନ   ରୋଉଥାନ୍ତୁ ବିଲେ ଶଅରୁଣୀ,
ସୁଖ   ଦୁଃଖ ନିଜର ଗୁଣି ଗୁଣି !

ପିଲେ   ଯାଉଥାନ୍ତୁ ଗୋ ପାଠ ପଢ଼ି,
କେତେ   ଅଣ୍ଟିରେ ମୁଢ଼ି ଚୂଡ଼ା ଭରି ।
କେଉଁ   ଗରିବ ଘରର ପିଲାଟିଏ
ଭୁକା,   ନାଇଁ ନବସେ ବି ଚାଲିଥାଏ !

ମୁଁ ଗୋ   ଶୁଣୁଥିବ କଳ-କଳ-ରବ !
ମୋର   ଜୀବନର ସେ' ଯେ ବଇଭବ !
ମୁଁ ଗୋ   ସବୁଜ ବଲର ହାଡ଼ ତଳେ
କାନ   ପାତି ବସିଥିବ କୁତୂହଳେ ।

Digitized by PPRACHIN, SOA

ମୋର ଅସୀମ ଅଭାବ ରହିଛି ଗୋ
ମୋର ନୟନୁ ଲୋତକ ବହୁଛି ଗୋ !
ମୋର କେହି ତ ନାହିଁ ଗୋ ଜଣେ ସାହା !
ମୋର ଦୁଃଖେ କରନ୍ତି କେହି ଆହା !

ମୁଁ ଗୋ ଅସୀମ ଅଭାବ ସମୁଦ୍ରରେ,
ନିତି ମଜନେ ମାରବେ ବୁଡ଼ି ମରେ;
ମୁଁ ତ, ମଣିଷ ବୋଲି ଗୋ ନୁହେଁ ଗଣା !
ମୋର କାହିଁ ବା ବିଭବ ଅକଳନା ?

ମୋରେ ନ ଲୋଡ଼ୁ କଏସେ ବଡ଼ କରି,
ମୁଁ ଗୋ ଦରିଦ୍ର ହୋଇଥାଏ ପଡ଼ି
ମୋର ନୟନୁ ଅଶ୍ରୁ ଯାଉ ବହି,
କିଏ ପୋଛୁ ନ ଦେଉ ଗୋ ଦୟାବହି;

ମୁଁ ଗୋ ଶୁଣୁଥିବି ଜଳ-କଳ-ରବ !
ମୋର ଜୀବନର ସେ' ଯେ ବଇଭବ !
ମୁଁ ଗୋ ସବୁଜ ବନର ହିଡ଼ ତଳେ,
କାନ ପାତି ବସିଥିବି କୁତୂହଳେ ।

ମୋର ସବୁ ହୋଇଯାଉ ନିଃଶେଷ,
ମୋରେ ନ ମିଳୁ ଗୋ ହେଲେ ଭିକ ଲେଶ,
ମୁଁ ଗୋ ଅସହାୟ ହୋଇଯାଏ ଅତି,
ମୋର ଯେତେ ଯାହା ଅଛି ହେଉ କ୍ଷତି ।

ମୋର, କୁଆଡ଼କୁ ନାହିଁ ଲକ୍ଷ୍ୟ ଗୋ,
ମୋର ଏ ଯେ ରୂପପାୟୀ ବକ୍ଷ ଗୋ,
ଏଇ ସୀମାହୀନ ମହାବିଶ୍ୱରେ
ଗୀତ ଶୁଣୁଥାଉ ମହାହର୍ଷରେ !!

Digitized by PPRACHIN, SOA

ଏଇ ଶାରଦ ଶ୍ୟାମଳ କଆଖିରେ ।
ପାଣି ଲମ୍ଫ ଦେଉ ଗୋ ଧୀରେ ଧୀରେ,
ଖାଲି କୁଳୁ କୁଳୁ କୁଳୁ ମଧୂତାନ
ଫୁଟି ଆସୁଥାଉ ନୋହି ଅବସାନ ।

ମୁଁ ଗୋ କାନ ପାତି ଖାଲି ଶୁଣେ ରହି
କେଉଁ ଅଜଣାରୁ ସେତୁ ଆସେ ବହି !!
ମୋର ଶତ ସମ୍ପଦ ସହିଁ ଠୁଳ୍
ମୋର ମଣିଷ ଜୀବନ ଭରପୂର ।

ମୁଁ ଗୋ, ଶୁଣୁଥିବ ଜଳ-କଳ-ରବ,
ମୋର ଜୀବନର ସେ'ଯେ ବଇଭବ,
ମୁଁ ଗୋ ସବୁଜ ବଳର ହିଡ଼ ତଳେ
କାନ ପାତି ବସିଥିବ କୁତୂହଳେ ॥

Digitized by PPRACHIN, SOA

ମାଟିର ସରଗ

ଏଠି ମୁଁ ରଚିଛି କୁଟୀର ମୋର
ସେନେହ ଶରଧା ସୋହାଗ ବନ୍ଧି
ଯେତେ ଯହିଁ ଦେଖ ପାହାଡ଼, ନଈ,
ଗାଆଁ ବଲ, ବଣ, ପଡ଼ିଆ ପଥ,
ସରିତ-ସାଗର ଊର୍ମି ଶତ,
ଊପରେ ଆକାଶ ଧରଣୀ ତଳେ
କାହାରେ କେତେ ମୁଁ ସେନେହ କରେ !

ଏଠି ମୁଁ ସତତ କରଇ ଲୀଳା,
ହସି ଖେଳ ଦିନ କଟଏ ମୁଁ ବାଛି,
କେତେ ସଖା ସାଥି ସୋଦର ନାଇଁ !
ଊଷାର ଅଙ୍କେ ତପନ ଫୁଟେ,
ଦଶି ଦଶି ଧୀର ସମୀର ଛୁଟେ,
ରଜତ ଚନ୍ଦ୍ର ଆସଇ ଉଇଁ
ବୁକୁତଳ ଯାଏ ଗଣ୍ଡେରେ ଛୁଇଁ !

ଏଠି ମୋ ବକ୍ଷ ଊଠଇ ନାଚ !
ମେଘ ଯେବେ ଚଢ଼େ ପାହାଡ଼ ଖୋଲେ,
ଫୁଲ ଯେବେ ଧୀର ସମୀର ଦୋଳେ,

Digitized by PPRACHIN, SOA

ଇନ୍ଦ୍ରଧନୁର ବରଣ ଶଢ଼ୀ
ସପନମୂର୍ତ୍ତି ସେ ରଚଇ କିବା ?
ଝର ଝର ଯେବେ ଝରଣା ଝରେ
ଶିଳା ବନ୍ଧୁର ତଳପ ପରେ ।

ଏଠି ମୋ ଜୀବନ ଫୁଟାଏ ଛଇ,
ପ୍ରିୟଜନ ହସି କହିଲେ କଥା
ଭୁଟଇ ବୁକୁର ଗଭୀର ବ୍ୟଥା
ଅଭିମାନେ ଯେବେ ନୀରବ ରହେ,
କାହା ଓଠ ହସି ବାରତା କହେ ।
କାହା ଚମ୍ପକ ଅଙ୍ଗୁଳିର—
ପରଶେ, ମରମୁ ଫୁଟଇ ଗୀର !

ଏଠି ଅଭିଳାଷ ଲକ୍ଷ୍ୟ ମମ
କି ବିଶାଳ କିବା ମହତ ନୁହେଁ !
ଧାଏଁ କି ସୌମ୍ୟ ସାଧନା ସୁଏ !
ମୋ କାନେ କିଏ କି ମନ୍ତ୍ର କିଏ,
ଦୂରେ ଦୂରେ କିଏ ନୀରବେ କିଏ
ସକଳ ଝଞ୍ଜା ଚରଣେ ଦଳି,
ମୋ ବାଟେ ମୁଁ ଗଲେ ସିଂହ ପରି !

ଏଠି ମୁଁ କାନ୍ଦେ ଏଠି ମୁଁ ହସେ,
କେତେ ଲୁହ ଏଥି ପଡ଼ିନ ଧରି !
ଦେଖିଚ ଏ ବଣ ପାହାଡ଼ ଦଶ
କେତେ କାହାପାଇଁ ପରାଣ ମମ
ଆକୁଳେ କରିଚି ଅନ୍ୱେଷଣ !
କେତେ କାହା ମୁହଁ ଯାଏନି ହଣି !
ଭାଳିହୁଏ ସବୁ ଦିବସ ନିଶି ।

Digitized by PPRACHIN, SOA

ଏଠି ଏ ମାଟିରେ ପଡ଼ିବ ଡଳ
ଆସିବ ଯେ'ଦିନ ଡାକରା କାହୁଁ,
ଲେଉଡ଼ଲେ କି ରହିପାରିବ ଆଉ ?
କି ବିଶାଳ ମୋର ସରଗଟିଏ
ଗୁଡ଼ିଯିବ ବାରେ ଭଳଚ କହେ ?
ଏତେ ଆପଣାର ସରଗ ଏଇ
କେସନେ ଯିବ ମୁଁ କାହାରେ ଦେଇ ?

❊

ମୁଁ

ମୋର ଜୀବନ ନୁହଇ ଆକାର ଗୋ ପାଣି ଫୋଟକା,
ମୁଁ ତ ଅସୀମ କାଳର କପାଳେ ସିବନ୍ନ ନଭ୍ ଗୋ !
ମୁଁ ଗୋ ଏତେ କାହିଁ ପାଇଁ ହେବ ଅତରଛ ତଟକା ?
ମୁଁ ଗୋ ମୋହର କାମଟି ହସି ହସି କରୁଥିବ ଗୋ !

ମୁଁ ଗୋ ଚିରସନାତନ ଶାଶ୍ୱତ ଅବିନାଶୀ ଗୋ,
ମୋର ଜୀବନ ଗୋ ଖାଲି ଜୀବନ ଜୀବନ ଜୀବନ;
ମୁଁ ତ ମହାବିଶ୍ୱର ଆଲୋକେ ଉଠିବ ଭାସି ଗୋ,
ମୁଁ ଗୋ ମହାବିଶ୍ୱରେ ମୁକ୍ତ ମଧୁର ପାବନ !

ମୋର ଚଉଦିଗେ ଖାଲି ଅମୃତ ଝର ଝରଇ,
ମୁଁ ଗୋ କ୍ଷୁଦ୍ର ନୁହଇ ବିରାଟ, ଉଦାର ମହାନ,
କୋଟି ଅମୃତ ଆଶା ବୁକୁତଳେ ମୋର ଭରଇ,
ମୁଁ ଗୋ ଆନନ୍ଦ ଜଳେ କରୁଥିବ ନିତି ସ୍ନାହାନ !

ମୋର ଦୁଃଖ ବେଦନା ପୁଲକ ଗୋ ସବୁ ସମାନ,
ମୁଁ ଗୋ ସବୁରେ ଦେଖିବ ଜୀବନ ମୋହର ବିକାଶ,
ମୁଁ ଗୋ ମୋହରି ଭିତରେ ଦେଖିବ ବିଶ୍ୱ-ବିତାନ
ମୋର ନାହିଁ ନାହିଁ ନାହିଁ ଦାରୁଣ ଦୁଃଖ ପରଶ ।

Digitized by PPRACHIN, SOA

୬୨

ମୁଁ ଗୋ ସତ୍ୟ, ଚିରସୁନ୍ଦର ଶିବ ଶୁଦ୍ଧ,
ମୁଁ ଗୋ ସକଳର ଲାଗି ଜାଗିଛି ଏ ମହାଭୁବନେ;
ମୁଁ ଗୋ ସବୁର ଭିତରେ ହୋଇଉଠେ ଉଦ୍‌ବୁଦ୍ଧ,
ମୁଁ ଗୋ କଲ୍ଲୋଳି ଉଠେ ବିଶ୍ୱ ଆକାଶ ପବନେ !!

❋

Digitized by PPRACHIN, SOA

ସ୍ୱାଧୀନତା

ଧରଣୀରେ ରହେ ମୁହିଁ
ସୀମାହୀନ ରାଜ ଭୋଗ ଛଳେ ।
ଅଗ୍ରବର କଷାଘାତ
ନ ପରଶୁ ମୋରେ ହେଲେ ଥରେ,
ହେମ ହର୍ମ୍ୟ କୋଳେ ଥାଏ
ଐଶ୍ୱର୍ଯ୍ୟର ମଧୁସ୍ପର୍ଶ ଲଭି !
ଗୋଲାପ ଶଯ୍ୟାରେ ଡଳି
ଦେଖଥାଏ ଶତ ସ୍ୱର୍ଣ୍ଣ ଛବି
ଦୁଃଖ ଦାରିଦ୍ର୍ୟର ସେ ଯେ
ମର୍ମନ୍ତୁଦ ଶତ ନିପ୍ପେଷଣ
ନ ଭୋଗି ଜୀବନେ ଲବେ
ବଞ୍ଚଯାଉ ମୋର ପ୍ରତି କ୍ଷଣ
ଏ ସବୁ ଭିତରେ କିନ୍ତୁ
ଯେବେ ନାହିଁ ମୋର ସ୍ୱାଧୀନତା
କେମନ୍ତେ କହିବ ମୋର ଜୀବନରେ
ଅଛି ସାର୍ଥକତା ??
ସବୁ ଥାଇ ଯେବେ ମୁହିଁ
ଦାସତ୍ୱର ନିବିଡ଼ ଶୃଙ୍ଖଳେ
ବନ୍ଧା ହୋଇ ପଡ଼ିଥିବ

Digitized by PPRACHIN, SOA

ଯେତେ ଯାହା ବୁଝୁଥିଲେ
—ଫୁଟାଇ ପାରିବ ନାହିଁ
ଗୁହୁଁଥିବ କା ଆଦେଶ ପ୍ରତି,
ଆକାଶର ମୁକ୍ତ ପକ୍ଷୀ ସମ
ପାରିବନି କରି ଅଗ୍ରଗତି,
କୁସୁମର ଗନ୍ଧ ପରି
ଯିବ ନାହିଁ ଭାସି ଗୃହଆଡ଼େ
ଚତୁର୍ଦ୍ଦିଗେ ମୋର ଯେବେ
ରହିଥିବ ଶତ ବଜ୍ରବାଡ଼େ,
ପାଦେ ମାତ୍ର ଯିବାପାଇଁ
ଯେବେ ଲକ୍ଷ ପାଦ ଧରିହେବ,
ଧିକ୍ ଧିକ୍ ମୋ ଐଶ୍ୱର୍ଯ୍ୟ
କାହିଁ ତହିଁ ବରିଷ୍ଠ ଗୌରବ ?
ଦରିଦ୍ର କୁଟୀର ତଳେ
ବସିଥାଏ କୁଶ ଶଯ୍ୟା ପାରି,
ଦାରିଦ୍ର୍ୟର କଷାଘାତେ
ରହେ କେବେ ହୋଇ ଅନାହାରୀ,
ନ ପରୁରୁ କେହି ମୋତେ
ନ ଥାଉ ମୋ ଭୋଗ ଆଡ଼ମ୍ବର
ପଦ୍ମର ସୁଗନ୍ଧ ଯେବେ ଛିଣ୍ଡି ଅଛି
—ଦାସତ୍ୱ ଶୃଙ୍ଖଳ
ମୁକ୍ତ ନୀଳାମ୍ବର ପରି
ଯେବେ ମୁହିଁ
ତୃଷ୍ଣି ପ୍ରସାରିତ,
ପ୍ରାଣ ପ୍ରତି ତନ୍ତ୍ରୀ ତନ୍ତୁ ଫୁଟେ ଯେବେ
ସ୍ୱାଧୀନ ସଙ୍ଗୀତ—
ପବନ ମର୍ମର ପରି ଆପେ ଆପେ,
ଧ୍ୱନ ଧ୍ୱନ ଧରି,

Digitized by PPRACHIN, SOA

କଏ କହ ଭାଗ୍ୟବାନ ପୃଥିବୀରେ
ମୋହ ତହୁଁ ବଳ ?

ମୁହିଁ ଗ୍ରହେଁ ଧରା ପୃଷ୍ଠେ
ବଞ୍ଚିବଇଁ ସେ ଜୀବନ ଧରି
ଦାଉ ଦାଉ ଜଳୁଥିବ ଯାହା
ଆକାଶର ଶତ ସୂର୍ଯ୍ୟ ପରି;
ଅଗ୍ନି ଶିଖା ସମ ଯେହୁ
କାଳ କାଳ ହେବ ଊର୍ଦ୍ଧ୍ୱଗାମୀ
ଅନନ୍ତ ପ୍ରେରଣା ବହି
ବୁକୁ ତଳେ ତଳେ ହବାଯାମୀ
—ଉଭିବ ନ ଥଭିବ ନ
ରହିଥିବ ଶୁଦ୍ଧ ସତ୍ୟ ସମ
ପୃଥିବୀରେ ଅନନ୍ତ ହନମେ
କରୁଥିବ ନତ୍ୟ ବଚରଣ !
ଏଭଳି ଜୀବନେ ଅଛି
ଶତ ଟଙ୍କ ଶତ ଗଉରବ
ଯେଉଁଠାରେ ସ୍ୱାଧୀନତା
ସେଠି ଏଇ ଜୀବନ ସମ୍ଭବ !!

ମୋରେ ଯହ ଧରଣୀରେ
କେ ପଗ୍ଭରେ କସ ଭୁମେ ଗ୍ଭହଁ ?
ସବୁ ଯାଉ, ଥାଉ ମୋର ସ୍ୱାଧୀନତା
ଏଇ ଅଭପ୍ରାୟ—
ଜଳଦ ଗମ୍ଭୀର ସ୍ୱରେ
କହିବଇଁ ବାରବାର କରି
ସ୍ୱାଧୀନତାଠାରୁ ବଳ
ପୃଥିବୀରେ ନାହିଁ ଅବତର,
ବଗଟ ସମ୍ପଦ କତ ମଣିଷର ।

Digitized by PPRACHIN, SOA

୬୭

ସ୍ୱାଧୀନତା ଧର
ମଣିଷ ସୁନାର ସ୍ୱର୍ଗ
ପୃଥିବୀରେ ଯାଏନାକ ଗଢ଼ି ?
ନିଜକୁ ଓ ଅପରକୁ
ଗୌରବେ ଫୁଟାଇବାର
ଯାଏନାକ ପୂର୍ଣ୍ଣ ଅବକାଶ
ଦାସତ୍ୱ ଭିତରେ କାହିଁ
ଜୀବନର ମୋହନ ବିକାଶ ?

❊

Digitized by PPRACHIN, SOA

ଜୀବନ-ନିର୍ଝର

—୧—

ତୁମେ ଯଦି ହୋଇଥାନ୍ତ ଏକଛତ୍ର ସମ୍ରାଟ ଗୋଟିଏ,
ବସିଥାନ୍ତ ଗଜଦନ୍ତ ସିଂହାସନ ପରେ,
ତମେ ଯଦି ହୋଇଥାନ୍ତ କୋଟିପତି ବ୍ୟବସାୟୀ ଜଣେ,
ତୋଳିଥାନ୍ତ ହେମ ହର୍ମ୍ୟ,
ରହିଥାନ୍ତ ସବୁବେଳେ ସବୁକାଳେ
ଟଙ୍କା ଆଉ ପଇସାର ପ୍ରାଚୁର୍ଯ୍ୟ ଭିତରେ;
ତୁମେ ଯଦି ହୋଇଥାନ୍ତ ହାଇଦ୍ରାବାଦ ନିଜାମଙ୍କ ପରି
ଭୋଗ ଆଡ଼ମ୍ବର ଆଉ ଅହଙ୍କାର-ପ୍ରିୟ,
ତୁମେ ଯଦି ହୋଇଥାନ୍ତ ଅର୍ଥଗୃଧ୍ର ଉତ୍କଳ ମୁକ୍ତାର,
ମିଥ୍ୟା ଆଉ ଅନ୍ୟାୟ ଭିତରୁ
କରୁଥାନ୍ତ ନିପୁତ ବାହାର କୋଟି ମିଥ୍ୟା ଖିଅ,
ଜୀବନ୍ତ ସମାଧି ତୁମ ହୋଇଥାନ୍ତା ବହୁ ଦିନୁ ବହୁ କାନ୍ତୁ
ତୁମର ଯେ ନିଜ ରୂପ
ପାଇଥାନ୍ତା ମଟି;
ପୃଥିବୀର ସୀମାହୀନ ପ୍ରଲୋଭନ ଶିରେ ହର୍ଯ୍ୟକ୍ଷ ବିକ୍ରମେ
କରି ପଦାଘାତ
ଫୁଟିଅଛ ଛୁଟିଅଛ ତୁମେ
ଦେଶପ୍ରାଣ ଜାତିପ୍ରାଣ
କବି ଗୋଦାବରୀଶ !!

Digitized by PPRACHIN, SOA

—୨—

ସୀମାହୀନ ଦୁଃଖ ଦୈନ୍ୟ ଅଭାବ ଓ ଅନାଟନ
ଜୀବନର ପ୍ରଥମରୁ ଜୀବନର ଶେଷଯାଏ
କରିବାକୁ ରୁଦ୍ଧ ତବ ଜୀବନର ପଥ
ଆସିଛି ଆସିଛି ବହୁବାର, କିନ୍ତୁ
ତୁମକୁ ସେ ପାରିନାହିଁ କରି ପଙ୍ଗୁ ପାଦନତ,
ତୁମକୁ ସେ ପାରିନାହିଁ ଛୁଇଁ,
ତୁମେ କିନ୍ତୁ ନିରଳସ ଅନାହତ,
ଚାଲିଅଛ ବୀର ଦର୍ପେ
ସୀମାହୀନ ଉତ୍ସାହ ଓ ଉଦ୍ଦୀପନ ଧରି ।
ମନୁଷ୍ୟର ମହାଶକ୍ତି ପାଶେ ଅଛି କିବା ବାଧା ବା ବନ୍ଧନ ?
ସମସ୍ତ ରହିବ ଦୂରେ ପରାଜିତ ଶତ୍ରୁ ପରି
ହୋଇ ନତଜାନୁ ।
ତୁମେ ତା'ର ବିରାଟ ନମୁନା,
ଦେଇଚ ଦେଇଚ ଖୋଲି ପ୍ରାଣର ଯମୁନା,
ଡେଇଁ ଭୃଗୁ ଉପତ୍ୟକା, ଅଧିତ୍ୟକା ବିଶାଳ ଉପଳଖଣ୍ଡ,
ଚାଲିଅନ୍ତ ମାଡ଼ି
ଯୋଜନ ଯୋଜନ ବ୍ୟାପୀ ରୁକ୍ଷ ମରୁଶିରେ
ଅମୃତର ରସଧାର ନିପୁଚ ଅଜାଡ଼ି !

—୩—

ଆମ ଗାଆଁ ଆମ ସାଇ ଆମ ପଡ଼ଶୀର—
ସୀମାହୀନ ଅଶ୍ରୁ ହାହାକାର,
ଦୁଃସହ ଦୁର୍ବହ ଯେ ବେଦନାର ଭାର,
ଦେଖି ଯିଏ ଦେଖେ ନାହିଁ, ଶୁଣି ଯିଏ ଶୁଣେ ନାହିଁ,
ଚାଲିଯାଏ ପଥେ ପଥେ
ସିଏ କି ପୁରୁଷ ସିଂହ ?

Digitized by PPRACHIN, SOA

ତା’ ସେନକ ପଗଡ଼ୀର ହଗ୍‌ବଳୟୁ ଖରୁ
ହସି ହସି ନାଚ ନାଚ ଉଇଁଆସେ ପାଠକ ତପନ
ଫେଇ ଘନ କୃଷ୍ଣ ଘନ୍ତ !
ପୁରୁଷ ସିଂହ ହେ ଗୋଦାବରୀଶ !
ଶିରେ ତବ ବାଜଅଛୁ କଠୋର ଅଙ୍କୁଶ,
ପଥେ ପଥେ ପଡ଼ଅଛୁ ତବ ସହସ୍ର କୁଳିଶ,
କାହାରେ ଖାତିର ନାଇଁ କର,
ଗଢ଼ିଅଛ ଏଇ ମାଟି ଏଇ ଦେଶ
ପଞ୍ଚିତ ଦଳିତ ନିଷ୍ପେଷିତ ବୁକୁତଳେ
ଜୀବନର ରସଧାର ସୋହାଗେ ସଞ୍ଚାର !
ତୁମେ ତୁମ ଲାଗି ନ ଥିଲ ତ ଆସି
ଆସିଥିଲ ସହସ୍ରର ଲାଗି
ସହସ୍ରରେ ନିଜଟିକ ଢାଳି
ହୋଇଅଛ ସହସ୍ରର ପରାଣ ସଙ୍ଗୀତ !

— ୪ —

ହେ, ଗୋଦାବରୀଶ !
ତୁମେ ହିଁ ଗୋଟିକ ଯାକ କବ !
ଜୀବନରୁ ବଡ଼କରି ଯାଉଥିଲ ଦେଶଟାକୁ ତୁମେ ଅନୁଭବ;
ଏ ଦେଶର ସୀମାହୀନ ଅଶେଷ ଜନତା
ଏ ଦେଶର ବନ ବଲ ପାହାଡ଼ ପ୍ରାନ୍ତର,
ଏ ଦେଶର ନଦୀ, ହ୍ରଦ, ପାଟ, ସରୋବର,
ଏ ଦେଶର ପୁରପଲ୍ଲୀ, ଏ ଦେଶର ଚନ୍ଦ୍ର, ସୂର୍ଯ୍ୟ
ଏ ଦେଶର ପୁଣ୍ୟ ସମୀରଣ,
ଏ ଦେଶର କିମ୍ବଦନ୍ତୀ, ଏ ଦେଶର ଇତିହାସ,
ଏ ଦେଶର କାହାଣୀ ଅରଣ୍ୟ,
ଏ ଦେଶର ରଜା ମହାରଜା, ଏ ଦେଶର ସେନା, ସେନାପତି,
ଏ ଦେଶର ଦାନ ଧର୍ମ, ଏ ଦେଶର ଅକ୍ଷୟ କୀରତି,

Digitized by PPRACHIN, SOA

ଏ ଦେଶର ଦୈନନ୍ଦିନ ସୁଖ ଦୁଃଖ ସହସ୍ର ଘଟଣା,
ଏ ଦେଶର ଯେତେ ଯାହା ସାର ବା ଅସାର
ଯେତେ କୁସଂସ୍କାର ଆବର୍ଜନା,
ସମସ୍ତଙ୍କୁ ରୂପ ଦେଇ ସମସ୍ତଙ୍କୁ ପ୍ରାଣ ଦେଇ
ରଚିଗଲ ଯେ ସୃଷ୍ଟି ନୂତନ
ତା'ର କ୍ଷୟ ନାହିଁ କଦାଚନ !
ଏ ଭଳି ଜୀବନ୍ତ କରି, ଏ ଭଳି ଅନ୍ତର ଭରି
ଦେଇଗଲ ଯେଉଁ ମଧୁତାନ
ଯୁଗେ ଯୁଗେ ରହିବ ଅମ୍ଳାନ ।
ଏ ମାଟିକୁ ପ୍ରାଣ ଭରି ନପାଇଲେ ଭଲ
ଫୁଟି ଫୁଟି ଆସେ କେବେ ଏଇଭଳି ପ୍ରାଣବନ୍ତ !

— ୫ —

ମୃତ୍ୟୁ ଓ ଜୀବନ ମେଳେ ଯେ ଟିକକ ବ୍ୟବଧାନ ରେଖା
ତୁମ ପାଖେ କାହିଁ ତାର ସ୍ଥିତି ?
ଜୀବନ ଜୀବନ ତୁମେ କେବଳ ଜୀବନ ।
ଅନନ୍ତର ଅସୀମର ତୁଲେ ଯାଇଅଛ—
ରଚି ଯେଉଁ ପ୍ରାଣର ବନ୍ଧନ
ଜୀବନ୍ତ ସେ ସୁନ୍ଦର ସେ, ଅକ୍ଷୟ ସେ ଅବ୍ୟୟ ସେ,
କାଳଦନ୍ତ କାଟି,
ରହିଥିବ, ଥିବାଯାଏ ଏ ଧରଣୀ ଏ ଆକାଶ
ଏ ମାନବ ଜାତି !
'ଆଲେଖିକା', 'କଳଙ୍କା' ଓ 'କଣଳସ୍ୱ'
ବା 'ମୁକୁନ୍ଦ' ଓ 'ପୁରୁଷୋତ୍ତମ ଦେବ'
ଏ ସବୁରୁ ବଳି
ଆଜ କି ଜୀବନ୍ତ ସ୍ମୃତି
ଗଢିବା ସମ୍ଭବ
ତମ ପାଇଁ

Digitized by PPRACHIN, SOA

ଜାଣିପାରେ ନାହିଁ ।

ହେ, ମୋର ଓଡ଼ିଆ ଜାତି !
ଯାର ପୂଜା ପ୍ରତିଭାର ପୂଜା
କରିବାକୁ ଯେବେ ତୁମେ ଗ୍ଭହଁ
ତାର ସେ ପ୍ରାଣର ବାଣୀ
ଥରେ ପଢ଼ିଯାଅ !
ଦେଖିବ କଉଳ ତୁମେ
ଆକାଶ ଅବନୀ ଭରି ଉଠିବ ପ୍ରସରି
ଗ୍ଭହେଁ ଯାହା ଦେଶପ୍ରାଣ ଜାତିପ୍ରାଣ—
ପୁରୁଷ ପୁଙ୍ଗବ
କବି ଗୋଦାବରୀଶ !!!

❊

Digitized by PPRACHIN, SOA

ଯୁଦ୍ଧଯାତ୍ରୀ

ଜାତିପାଇଁ ଦେଶପାଇଁ ଜୀବନ ପାରିବ ଦେଇ,
ନାହିଁ ମୋ ବନ୍ଧନ ମନା ପାରିବେନି କରି କେହି ।
ଯେ' ମାଟିର ରସଧାରା ବଢ଼େ ମୋର ବୁକୁତଳେ,
ଯେ ମାଟିର ସମୀରଣ ବଞ୍ଚାଇ ରଖିଛି ମୋରେ,
ସେ ମାଟିର ବିଲ ବଣ ଶଇଳ-ସାଗର-ସ୍ରୋତ,
ଗଛ ପତ୍ର ଫୁଲ ଫଳ ଶ୍ୟାମଳ ପ୍ରାନ୍ତର ପଥ,
ଧମନୀ ଶୋଣିତେ ଆଣେ ଜୀବନର ଜାଗରଣ
କେମନ୍ତେ ତା' ପାଇଁ ନାହିଁ କରିବ ଜୀବନ ପଣ ?

ଯେ' ମାଟିର ବୁକୁ ପରେ ଠିଆ ହୋଇ ଖେଳେ ବୁଲେ,
ଯେ ମାଟି ବାନ୍ଧିଛି ମୋରେ ଶତ ସଖା ବନ୍ଧୁ ଭୁଲେ,
ଯେ ମାଟିର ବଳ ବୀର୍ଯ୍ୟେ ଗଠିତ ମୋ ପ୍ରତି ଅଙ୍ଗ,
ଯେ ମାଟିର ସୁଖେ ଦୁଃଖେ ଫିଟେ ମୋ ଜୀବନ ରଙ୍ଗ,
ଯେ ମାଟିର ସାଥେ ମୋର ଜନ୍ମ ଜନ୍ମ ପରିଚୟ,
ହୁଏ ଯହିଁ ସୁଖ ଦୁଃଖ ଜନ୍ମ-ମୃତ୍ୟୁ ଅଭିନୟ,
କେମନ୍ତେ ତା' ଲାଗି କହ ଦେବି ନାହିଁ ଆତ୍ମବଳି ?
କେମନ୍ତେ ଢାଳିବ ନାହିଁ ତାହାର ଶୋଣିତ ଧରି !!

ସତ୍ୟ ଲାଗି ନ୍ୟାୟ ଲାଗି କୃପାଣ ଧରିବି କରେ,
ତା' ଆଖିର ଉଷ୍ଣ ଅଶ୍ରୁ ସହି ପାରିବନି ଥରେ ।

Digitized by PPRACHIN, SOA

ବଜାଇ ବିଜୟ ତୁରୀ, ଚାଲିବି ମୁଁ ପଥେ ପଥେ
ଚାଲିବି ସାଗର ବକ୍ଷେ ଚାଲିବି ଅନଳ ସ୍ରୋତେ,
ମେରୁର ତୁଷାର ଶୈଳେ ତା' ଲାଗି ଚାଲିବି ପଥ
ସାହାର ପ୍ରାନ୍ତରେ ଶିର ନୋଇବ ଲଭେ ଅବନତ;
ଆଣିବି ବିଜୟ-ଲକ୍ଷ୍ମୀ, ତା' ପାଇଁ ସୋହାଗେ ବରି
ସତ୍ୟ ଲାଗି ନ୍ୟାୟ ଲାଗି କୃପାଣ ଉଠିବି ଧରି ।

ଦିଅ ଗୋ ଜନନୀ ଦିଅ ବିଦାୟ ମୁଁ ଯାଏ ଚାଲି,
ଗୋଟିଏ କୋଟିଏ ପାଇଁ ସଂଗ୍ରାମେ ପଡ଼ିବି ଢଳି ।
ବିଜୟ ସିନ୍ଦୂର ଟିକା ବୋଳି ଦିଅ ଶିରେ ମମ !
କର ମୋରେ ଆଶୀର୍ବାଦ, ମୋତେ ଯେ ଦେଇଛ ସ୍ତନ୍ୟ —
କେଣାଷ୍ମ ବିକ୍ରମ ତାର, ଦେଖାଏ ମୁଁ ଧରଣୀରେ
ମୁଁ ଥାଉ ମୋ ଦେଶ ମାଟି ନେଉଥିବ କଲବଲେ—
ଏ ରକ୍ତାକ୍ତ ଦେହ ଧରି, ହୋଇ ସାତ ଖାନମାନ !
ମୁଁ ତାହାର ସନ୍ତାନ, ନା, ହତ୍ୟାକାରୀ ଶୟତାନ ?

ବଜାଇ ସଂଗ୍ରାମ ବାଜା, ଉଡ଼ାଇ ଚବାଳ ମାଳା
ଚାଲନ୍ତି ସୈନ୍ୟ ଧାଡ଼ି କାନ୍ଧରେ ବନ୍ଧୁକ ଗୋଳା,
ପଡ଼େ କେତେ ହଳହଳ, ପଡ଼େ କେତେ ଘର-ଡାକ
ଫାଟର ହୃତ୍ପିଣ୍ଡ ପରି ଚାଲନ୍ତି ଜବାନଯାକ;
ସଂଗ୍ରାମେ ଫେରେ ବା ମରେ ଲେଖା ନାହିଁ ଜାଣିବାର
ବଞ୍ଚାଏ ଦେଶରେ ମୋର ଚାଲ ଖଣ୍ଡା ତଲୁଆର
ଯାଉଛି ଯାଉଛି ମାଆ ! ଏ ତୋର ଆଶିଷ ମାଗି
ଶିରରେ ଶୋଣିତ ମୋର ଫୁଟୁଛି ମୋ ଦେଶ ଲାଗି ।

Digitized by PPRACHIN, SOA

ଗୋଲିଦାସ

—୧—

ଗୋଲିଦାସ ! ଗୋଲିଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଛି ତୁମର ଷାଠିଏଁ ବାଉବଉଳା ଜୀବନର ଇତିହାସ !
କେଉଁ ପଲ୍ଲୀର ଶ୍ମଶାନ ବୁକେ ମିଳାଇ ଯାଇଛ ତମେ !
କେଉଁଠି ଜନମି କେଉଁଠି ଯାଇଛ ହଜି
ତୁମକୁ କିଏ ସେ ମନେ ପକାଉଛି ଜଣେ !
କୁଟୀର ତୁମର ଭାଙ୍ଗି ପଡ଼ିଛି ରହିଅଛି ମାଟିଗଦା
ବିଲୁଆ ଭୁକୁଛି ସଞ୍ଜ ଆସିଲେ ଗୃହଆଡ଼ ଖାଲି ପଦା
ଏ ମାଟି ଉପରେ ତୁମେ ଫୁଟିଥିଲ ସେ କେଉଁ ଅଜ୍ଞାତ ଭାଲେ
ଏଇଠି ବା ଦିନେ ଝଡ଼ ପଡ଼ିଥିଲ ପୃଥିବୀ ଜାଣେନା ବାରେ,
ରହିଛି ତୁମର ଭଙ୍ଗା କାନ୍ଥ, ରହିଛି ପାହାଚ ଶିଳା
ଦେଖିଥିବେ କିଏ ତୁମ ଗଉରବ ତୁମ ତେଜସ୍ୱୀ ଲୀଳା !
ରହିଛି ଏ ନଙ୍ଗ ପୋଖରୀ ଗାଡ଼ିଆ ରହିଛି ଏ ବାଟ ଘାଟ
ଦେଖିଥିବେ କିଏ ନିଃସ୍ୱ କୁଟୀରେ ଜନମି କି ଭଳି
ହୋଇଥିଲ ସୁବିରାଟ ?

ଗୋଲିଦାସ ! ଗୋଲିଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଛି ତୁମର ଷାଠିଏଁ ବାଉବଉଳା ଜୀବନର ଇତିହାସ !

Digitized by PPRACHIN, SOA

--୨--

ଗୋଲଦାସ ! ଗୋଲଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଚି ତୁମର ବୀର୍ଯ୍ୟ ବିଭବଭରା ଜୀବନର ଇତିହାସ !

କେଉଁ ଉଦ୍ଦାମ ତରୁଣ ଜୀବନେ କି ମହା ସାହସ ଧରି,
କଂସାଶ ନଈ ଅକାତ ପାଣିରେ ତୁମେ ଥିଲ ଡେଇଁ ପଡ଼ି !
ଶୁଣିଲ ଯେବେ ହେ ସକରୁଣ ଡାକ 'କିଏ ଅଛ ହୁଅ ସାହା !'
"ଭୟ ନାଇଁ ! ଭୟ ନାଇଁ ! ମୁହିଁ ଅଛି କହିଥିଲ ତୁମେ ସ୍ପର୍ଦ୍ଧାରେ
ପିଟି ବାହା ! "

ଭସି ଯାଉଥିଲେ ସେ କେଉଁ ଗାଆଁର ଗୃହେବେଟି ମୂଳିଆ ଲୋକ
କିଏ ହେଉଥିଲା ଉବେଇ ଟୁବେଇ, କିଏ ପିଇଥିଲା ପାଣି ଭିନି
ଘର ତୋକ;
ଭଉଁର ଗାତରେ କିଏ ପଡ଼ିଯାଇ ଜୀବନର ଆଶା ଛାଡ଼ି
ଉପରକୁ ହାତ ଟେକି ରହିଥିଲା,
ଦୁଇକୂଳେ ଚୁହିଁ ରହିଥିଲେ ନରନାରୀ;
ଅସୀମ ଜନତା ଭିତରୁ ତୁମେ ହେ ଏକଇ ମାତ୍ର ଜଣେ,
ଗୋଟି ଗୋଟି କରି ଉଦ୍ଧାର କଲ
ନିଜ ଜୀବନର ମମତା ନରଖି କ୍ଷଣେ;
ସଂଗ୍ରାମ ରତ ବନ୍ୟା ସୁଅର ଚୋଟେଁ ଘୁଞ୍ଚିଲ ଘୁଞ୍ଚିଲ ଦୂରେ
ଅରକ୍ଷ ସେଇ ଭିନି ଘର ଜୀବନରେ ଫିଙ୍ଗି ପାରିଲ କୂଳେ :
ତୁମ ଦୁର୍ଦ୍ଧର୍ଷ ଜୀବନରେ ମୁହିଁ କରେ ଜଠେ ପ୍ରଣିପାତ !
ଶକ୍ତି ତୁମର, ସାହସ ତୁମର, ଧୈର୍ଯ୍ୟ ତୁମର,
ଜୀବନ ତୁମର କି ମହାନ କି ବିରାଟ !

Digitized by PPRACHIN, SOA

ଗୋଲଦାସ ! ଗୋଲଦାସ !
ଦେଖିନ ତୁମରେ, ଜାଣିନ ତୁମରେ
ଶୁଣିଚ ତୁମର ବୀର୍ଯ୍ୟ ବୈଭବଭରା ଜୀବନର ଇତିହାସ !

—୩—

ଗୋଲଦାସ ! ଗୋଲଦାସ !
ଦେଖିନ ତୁମରେ, ଜାଣିନ ତୁମରେ
ଶୁଣିଚ ତୁମର ବୀର୍ଯ୍ୟ ବୈଭବଭରା ଜୀବନର ଇତିହାସ !

ସୋଲଖି ପାହାଡ଼ ନଇଁଅ ବଣେ କାଠ ହାଣୁଥିଲା ଶ୍ୟାମ
ଅରକ୍ଷ ସିଏ ବଣ୍ଡୁ କାଠ ହାଣି ବଞ୍ଚାଏ ତାର କୁଟୁମ୍ବ ଗୁର ପ୍ରାଣ !
ଠକ୍ ଠକ୍ ଠକ୍ ହାଣୁଅଛି କାଠ ଏକ ଲକ୍ଷ୍ୟେ ଏକ ମନେ
ଝାଳ ତମ ଗମ ବୋହି ପଡ଼ୁଅଛି,
ଫୋଟ୍ଟ ସେ ଦେଉଚି ହାତ ପଛେ କ୍ଷଣେ କ୍ଷଣେ,
ବେଳତ ହେଲଣି ଦ' ପ୍ରହର ଦଶଘଡ଼ି,
ଆଉ ଘଡ଼ିକରେ ଫେରିବ କୁଟୀରେ ତା'ର,
ହାଇରେ ! ହାଇରେ ! ମହାବଳ ବାଘ ଆସି
ଶ୍ୟାମ ଘରଡ଼ାର ଜଙ୍ଘକୁ ଧରି, ଝିଙ୍କୁଚି ବାର ବାର;
ଅରକ୍ଷ ଶ୍ୟାମ ତଳେ ଯାଇଅଛି ପଡ଼ି,
'ମରିଗଲି' 'ମରିଗଲି' ବୋଲି ଯାହା ଛାଡ଼ିଚି ଗୋଟିଏ ରଡ଼ି !
ଆଉ ଶୁଭୁ ନାହିଁ ସ୍ୱର ଶବ୍ଦ ତା', ସବୁ ଶୂନଶାନ୍ ତାହାପରେ;
ତା ଆତୁର ରଡ଼ି ଚମକ ଆଣିଲା ତୁମର ବକ୍ଷ ତଳେ !
ତମେ ତେଜସ୍ୱୀ ତୁମେ ସାହସୀ ପଲ୍ଲୀର ବୀରଯୁବା
କେଉଁ ବଣ ଉହାଡ଼ରେ ହାଣୁଥିଲ କାଠ ସଗର୍ବେ ହୋଇ ଲୁବ୍ଧ
ନେଇ ସେ ଦାଡ଼ୁଆ କଟୁରୀଟି ହାତେ ଧରି,
ଶିଳାରୁ ଶିଳାକୁ ବଣରୁ ବଣକୁ ଚଞ୍ଚଳ ଡେଇଁପଡ଼ି,
ଗଛଆଡ଼େ ତୁମେ ବୁଲାଇ ନୟନ ଡୋଳା,
ଦେଖିଲ ଦେଖିଲ ଶ୍ୟାମ ଘରଡ଼ାରେ ଟେକ ନେଉଅଛି ବାଘ,

Digitized by PPRACHIN, SOA

ଧାଇଁ ଯାଇ ଜବା ବିଦ୍ୟୁତ୍ ଚଞ୍ଚଳେ, ବାଘର ବେକକୁ ଧରି
ପକାଇଲା ଆଗ;
ସେଇ କଣ୍ଟୁରେ ଗ୍ଳେଣ୍ଟ ଗ୍ଳେଣ୍ଟ କରି ହାଣିଲା କୋଡ଼ିଏ ଗ୍ଳେଣ୍ଟ;
କ୍ଷତ ବିକ୍ଷତ ବାଘ ଗ୍ଳଳିଗଲା
ଶ୍ୟାମ ପରିଡ଼ାଙ୍କ ଗୋଟାକ ପାଦଟା ହୋଇ, ଥରୁଥରୁ ନ୍ତଟଟ !!

ପଟେଟ କରାଇ ତା'ଦେହ,
କାନ୍ଧରେ ଥୋଇ ଆଣିଲା ଗାଆଁକୁ
ଝର ଝର ଝର ଝରି ପଡ଼ୁଥାଏ ବନ୍ଦ
ତୁମରି ସେ ଦେହ ମୁଣ୍ଡର ଗୃହିଆଡ଼େ !

ବଣ ଭିଇଲରୁ କିଏ ହାଣୁଥିଲା କାଠ
ବଣ ତଡ଼େ ତଡ଼େ କିଏ ଗ୍ଳଲୁଥିଲେ ପଥିକ ସେ କେତେ
ସେ ସେ' କେଉଁ ଦୂରବାଟ
ଝିଲ କାମ କିଏ କରୁଥିଲେ କାହିଁ ଚସ ବଣ ପାହାଡ଼ ତଳେ
ସବୁରି କାନରେ ପଶିଥିବ ତାର କଣ୍ଠ ଆତୁର ରଡ଼ି
ହଉଏଁ ରହିଲେ ମୂକ ଶିଳାସମ ଶୁଣି ନଶୁଣିଲା ପରି,
ପଲ୍ଲୀର ବୀର ଦୁର୍ମଦ ଯୁବା ଗୋଳିଦାସ ! ଗୋଳିଦାସ !
ମୂକ ଓ ମଉନ ତୁମେ ପାରିଲନି ରହି, କାନ୍ଧେ କଡ଼ୁରି ବହି
କିଭଳି ଧାଇଁଲ ଗୋଟିଏ ଜୀବନ ପାଇଁ, ଜୀବନ ଦେବାକୁ ଝାସ !
ତୁମରି ଗାଆଁର ତୁମରି ମାଟିର ତୁମ ଶୋଣିତର ଜଣେ,
କଳବଳ ହୋଇ ମରି ସେ ଯାଉଚି ପଡ଼ିଅଛି ଅଚେତନେ,
ତାହାରେ ତିଆଗି ଆଖି ବୁଜି ଦେଇ ଦୂରେ ଦୂରେ ଗ୍ଳଲିଯିବା
ଏହା ଚହୁଁ ବଳି ନିର୍ଲଜ ପ୍ରାଣ ଅଛି ଧରଣୀରେ କିବା ?
ବିପଦ ଭିତରେ ଆପଣାରେ ଝାସି ମରିଯିବା ପଛେ ଭଲ
ବିପନ୍ନ ଭିତରେ ଜଣେ ବୁଡ଼ି ରହି ହେଉଥିବା କଲବଲ—
ଏ ଟିକକ ଦେଖି ବଞ୍ଚି ରହିବା ଆହୁରି କଷ୍ଟକର ।
ବିଗ୍ଳରିଲା ମନେ ମନେ, "ମରେ ବା ବଞ୍ଚେ କିଛି ଯାଏ ଆସେ ନାହିଁ
ଜୀବନ ଆସିନି ମରିଯିବା ଅବା ବଞ୍ଚିବା ଲାଗି ଖାଲି,

Digitized by PPRACHIN, SOA

ଆସିବ ଧରାର କଲ୍ୟାଣ ପାଇଁ ଲଗିବାକୁ ପ୍ରତିକ୍ଷଣେ,
ସେ ଚିନ୍ତନ ଯେବେ ନ ହୋଇ ପାରିଲା
ଏ ଜୀବନେ ଅଛି କିବା ପୌରୁଷ କହ ?"
ଜୀବନ ତୁମର ହେଲା ଅତି ଦୁଃସହ !
ବିଦ୍ୟୁତ ପରି ଚମକି ଉଠିଲ କଣ୍ଠୁଁ ଉର୍ଦ୍ଧେ ଠେକି
ସଂଗ୍ରାମ କରି ସ୍ୱଜନ ପାହାଡ଼ ଖୋଲେ
ଏକା ଏକା କେତେ ନାହାନ୍ତି ତୁମ ତୁଲେ
ଶ୍ୟାମ ପରିଡ଼ାରେ ଝିଙ୍କି ଆଣିଲ
ମରଣ ମୁହଁରୁ ତୁମେ ସାର ବଳଆର !
ତୁମେ ଯା ପାରିଚ କରି,
କା ବୁକୁରେ ଜଳେ ଅଗ୍ନି ଏ ଭଳି
ମରଣର ତୁଳେ ସଂଗ୍ରାମ କରି
ବଜାଇ ପାରିବ ଜୟ ଦୁନ୍ଦୁଭି
ଆକାଶ ପବନ କମ୍ପାଇ ଗୁଞ୍ଜିଆଡ଼ !!

ଗୋପାଳଦାସ ! ଗୋପାଳଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଚି ତୁମର ବୀର୍ଯ୍ୟ ବିଭବଭରା ଜୀବନର ଇତିହାସ !

✱

ଆଶ୍ଚର୍ଯ୍ୟ ହରହର

ଏ ପଥଧାରେ ଯାତ୍ରୀ କେତେ
ଚରଣ ଚାଲି ଗଲେଣି କାହିଁ,
ଚାଲିଲେ ଅବା ଚକ୍ଷୁ ବୁଜି
ଆପଣା ବାଟେ ଆପଣା ପାଇଁ !

କେହି ତ ଜଣେ ଚାହିଁଲେ ନାହିଁ
ପଡ଼ିଛ କିଏ ରାସ୍ତା ଧାରେ !
ରୁଗ୍ଣ ଅବା ପଙ୍ଗୁ ସିଏ
ପଡ଼ିଛ ସତେ କି ନାରଖାରେ !

କେହି ତ ଶୁଣିପାରିଲେ ନାହିଁ
କା' ବୁକୁ ତଳେ କି ବ୍ୟଥା ଜାଗେ !
ବକ୍ଷଟାକୁ ପଥର କରି
ଚାଲିଲେ ଦୂରେ ଚକ୍ଷୁ ଆଗେ !

ସିଏ ତ ଯାଇପାରିଲା ନାହିଁ
ଜୀବନ ସାରା ରହିଲା ଚାହିଁ !
କେତେ ରୁଗ୍ଣ ନିଃସହାୟ
କେଉଁଠି କିଏ ପଡ଼ିଛ କାହିଁ !

ଜନମ କଲା ମାଆଟି ଭଳି
କୋଟି ଜୀବନ ଦୁର୍ବିପାକେ,

Digitized by PPRACHIN, SOA

ସିଏ ତ ହେଲା ନଇଡ଼ ଠିଆ
କା ପାଖେ ଯାଏ, କାହାର ଡାକେ !

ଅଟକିଗଲା ଚରଣ ଦୁଇ,
ଆଖିଟା ହୋଇଗଲା ବା ବୁଜ !
କମିତ ପିବ କୁଆଡ଼େ ପିବ
କାହିଁକି ପିବ କି ଅବା ଖୋଜ !

ମେରୁ ପର୍ବତ ସେଇଠି ସିଏ
ହେଲା ବା ଠିଆ ଯୋଦ୍ଧା ବେଶେ !
ସେଇଠି ଦେବ ଜୀବନ ଖାସି
ଆଣିବା ଲାଗି ଜୀବନ, ଶେଷେ !

ଅଟଳ ତା'ର ପ୍ରତିଜ୍ଞା ସେ,
ଅନଳ ପରି ଉଠିଲା ଜଳି,
ଲିଭିଲା ନାହିଁ ଲିଭିଲା ନାହିଁ
ସ୍ତବ୍ଧ ହେଲା ବସୁନ୍ଧରା ।

ଦେଖିଲା କେଉଁ ରାସ୍ତା ଧାରେ,
କାଙ୍ଗାଳୁଣୀ କା' ରାଜରାଣୀ,
ଶୁଣିଲା କେଉଁ କୁଟୀର ତଳୁ
ବୁଭୁକ୍ଷୁର କାତର ବାଣୀ !

ଦେଖିଲା କାହିଁ ମୁଣ୍ଡୀ ଡିଙ୍ଗ
ଦୁଦୁରା ଅବା ଉଠିଛି ତହିଁ,
ଦେଶାନ୍ତରୀ ହୋଇଛି କିଏ
ପେଟର ଜାଳା ନ ପାରି ସହି

ଗୁହାଁଳି କାହିଁ ବସନ୍ତ ବା
ମହାମାରୀର ଆକ୍ରମଣ

Digitized by PPRACHIN, SOA

କରଇ କେଉଁ ପଲ୍ଲୀଟିକୁ
ଶ୍ମଶାନରୁ ଭୀଷଣତମ

ଫୁହିଁଲ କାହିଁ ସେ କେଉଁ ଗାଏଁ
କଡ଼ିରେ ସବୁ ଯାଇଚ ଭାସି
ଜାଉ ବା ପେଜ ଖାଉଚ କିଏ
ହବ ତ ତିନନ୍ଦନର ବାସି !

ନିତଳ ସୌଧ ତୋଳନ ସିଏ
ଧନଧାନ୍ୟ ନାହିଁ ଟିକି କରି,
ଶୋଇନ ତୂଳୀତଳ୍ପ ପରେ
କେଉଁ ନବାବ ବାଦଶା ପରି !

ସ୍ୱପ୍ନ ସିଏ ଦେଖିନ କେବେ
ବସିବ ମାତ୍ର ମନ୍ତ୍ରୀ-ଗାଦି,
ନିର୍ବାଚନେ ହୋଇନ ଠିଆ
ହୋଇନ କାର ସେ ପ୍ରତିବାଦୀ,

କଣ୍ଠେ ପିନ୍ଧି ମାଲ୍ୟ ସିଏ
ବୁଲିନ କେବେ ସାଇକି ସାଇ
ଫୁଲିନ ସିଏ ବକ୍ଷ ଠେଲି
କମିତି ଲୋକେ ରହିବେ ଫୁହିଁ !

ସନ୍ନ୍ୟାସୀ ଓ ସାଧକ ସିଏ
ସେ' ଯେ ତ୍ୟାଗୀ ଜୀବନ ସାରା,
ଦୀନଦୁଃଖୀ ଅରକ୍ଷର
ସେ ଯେ କୋଟି ଅଶ୍ରୁ ଧାରା !!!

ମମତା ମହାସମୁଦ୍ର ସେ
ବକ୍ଷ ତାର ଦେଇଚି ଶାନ୍ତି
ଉଦ୍‌ବେଳିତ ଯାଉଚି ହୋଇ
ସବୁରି ଲାଗି କି ଦିନରାତି !

Digitized by PPRACHIN, SOA

କ ଧମ୍ନ ମାମ୍ନ ଦୁଃଖୀ ପ୍ରାନ
(ତା) ହୃତପିଣ୍ଡ ଶୋଣିତ ଧାର
ସବୁରି ଲାଗି ଜନ୍ମ ତାର
ସଭିଏଁ ତାର ନୟନ ତାର !

ସାଧନା ତାର ଧିଆନ ତାର
ଜୀବନ ସାର ଜୀବନ ସାର !!
ପୋଛିବ କାର ତପ୍ତ ଲୁହ
କାଟିବ କାର ଦୁଃଖ ଭାର

କାହାରେ ଦେବ ଟିକିଏ ବୋଧ
ସମ୍ଭବ କାର ଅର୍‌ଦୋଳ,
ହତାଶେ କିଏ ପଡ଼ିଲେ ଲଇଁ
ଆଶ୍ୱାସନା ଦେବ ସେ ବୋଲି !

ନିଜର ତାର ନଥିଲା କିଛି,
ଥିଲା ତ ଏଇ ପୃଥିବୀ ମାଟି
ଏଇଠି ତାର ଶୋଣିତ ଧାର
ଢାଳିଛି ତାର ବକ୍ଷ କାଟି !!

ମାଟିର ଦୁଃଖ ମାଟିର ଅଶ୍ରୁ
ମାଟିର ଯେତେ ମର୍ମ ଜ୍ୱାଳା
ପାଶରି ସିଏ ପାଶରି ବୋଝ
ଜୀବନ ସାର ଜୀବନ ସାର !

ମହାକାଳର ମର୍ମ ତଳେ
ଜୀବନ ଧାପ ଜନ୍ମୁଛି ତାର
ପାଇଛି ସିଏ ପାଉଛି ସିଏ
ସବୁରି ପ୍ରାଣ ନମସ୍କାର !

❋

Digitized by PPRACHIN, SOA

ଟିପ୍ପଣୀ

ରାଣୀର ଅଭିଶାପ—

ବାଣପୁର ଅଞ୍ଚଳର ଗୋଟିଏ ଘଟଣା—ବାଣପୁରରେ ଘଟପଡ଼ା ବୋଲି ଗୋଟିଏ ଗାଁ ଅଛି—ସେଠାରେ ଜଣେ ଦଳବେହେରା ଥିଲେ, ଯିଏ ଖୋର୍ଦ୍ଧା ରାଜାଙ୍କ ଆଦେଶ ଅନୁଯାୟୀ ଘୁଁସୁର ରାଜ୍ୟ ଆକ୍ରମଣ କରିଥିଲେ। ଯୁଦ୍ଧରେ ଘୁଁସୁର ରାଜା ମରିଗଲେ, ତାଙ୍କ ବିଧବା ରାଣୀଙ୍କର ଦୁଇ ତିନି ବର୍ଷର ଗୋଟିଏ ଶିଶୁପୁତ୍ର ଥିଲା। ରାଜାଙ୍କ ଆଦେଶରେ ସେଇ ଶିଶୁପୁତ୍ରଟିକୁ ଦଳବେହେରା ହତ୍ୟା କଲେ ରାଣୀଙ୍କର ବହୁ କାକୁତି ମିନତିକୁ ନିର୍ମମଭାବରେ ଉପେକ୍ଷାକରି। ରାଣୀ ଅଭିଶାପ ଦେଲେ, ତୁମ ବଂଶରେ କେବେହେଲେ ପୁତ୍ର ସନ୍ତାନ ଜନ୍ମ ହେବେନି ବୋଲି। ସେ ଦିନଠୁ ଦଳବେହେରାଙ୍କ ବଂଶରେ କେବେହେଲେ ପୁତ୍ର ସନ୍ତାନ ଜନ୍ମ ହେଉ ନାହାନ୍ତି।

ଏ ମାଟିର ଅମର ଶହୀଦ—

ଜୟୀ ରାଜଗୁରୁ ଖୋର୍ଦ୍ଧା ରାଜା ମୁକୁନ୍ଦଦେବଙ୍କର ମନ୍ତ୍ରୀ ଥିଲେ। ଇଂରେଜମାନେ ଖୋର୍ଦ୍ଧା ଅଧିକାର କରିବା ସମୟରେ ଜୟୀ ରାଜଗୁରୁ ଖୋର୍ଦ୍ଧାର ସ୍ୱାଧୀନତା ରକ୍ଷା କରିବା ପାଇଁ ମୁକୁନ୍ଦ ଦେବଙ୍କୁ ମନ୍ତ୍ରଣା ଦେଇଥିଲେ ଏବଂ ନିଜେ ଯୋଦ୍ଧୃବେଶ ଧାରଣ କରି ପାଇକ ସୈନ୍ୟମାନଙ୍କୁ ଯୁଦ୍ଧାଗ୍ନିରେ ଝାସ ଦେବାପାଇଁ ଆହ୍ୱାନ କରିଥିଲେ। ଇଂରେଜମାନେ ଖୋର୍ଦ୍ଧା ଭିତରେ ପଶି ପାରିଲେ ନାହିଁ ପାଇକମାନଙ୍କର ଅଭୂତପୂର୍ବ ପ୍ରାଣମୂର୍ଚ୍ଛା ରଣକୌଶଳ ଦେଖି। ଶେଷରେ ଇଂରେଜମାନେ ଯୁଦ୍ଧରେ ଜୟଲାଭ କଲେ ଏବଂ ଜୟୀ ରାଜଗୁରୁଙ୍କୁ ଖୋର୍ଦ୍ଧାଗଡ଼ର ଗୋଟିଏ ବରଗଛରେ ଫାଶିଦେଲେ। ଏଇ ଘଟଣା ଉପରେ କବିତାଟି ଲିଖିତ।

Digitized by PPRACHIN, SOA

ଜୀବନ ନିର୍ଝର—

ପଣ୍ଡିତ ଗୋଦାବରୀଶ ମିଶ୍ର କବି ଭାବରେ, ଶିକ୍ଷାବିତ୍ ଭାବରେ ଏବଂ ରାଜନୀତିକ ଭାବରେ ସମଗ୍ର ଉତ୍କଳର ବରେଣ୍ୟ ପୁରୁଷ । ତାଙ୍କର ସମସ୍ତ ଲେଖା ଭିତରେ କଳିକା, କିଶଳୟ, ଆଲେଖିକା ଇତ୍ୟାଦି କବିତା ପୁସ୍ତକ ଏବଂ ମୁକୁନ୍ଦଦେବ ଓ ପୁରୁଷୋତ୍ତମ ଦେବ ନାମକ ଦୁଇଟି ନାଟକ ଓଡ଼ିଆ ସାହିତ୍ୟର ଅମୂଲ୍ୟରତ୍ନ । ଦୀନ ଦରିଦ୍ରର ଦୁଃଖ ମୋଚନ କରିବାରେ ଏବଂ ଜାତୀୟତାର ହୋମାଗ୍ନିରେ ନିଜକୁ ପ୍ରଜ୍ୱଳିତ କରିବାରେ ସେ ଥିଲେ ଅଦ୍ୱିତୀୟ ନେତୃପୁରୁଷ । ତାଙ୍କର ତିରୋଧାନ ହୋଇଗଲା ୧୯୫୬ ମସିହାରେ । ତାଙ୍କର ତିରୋଧାନ ପରେ କବିତାଟି ଲେଖାଯାଇଛି ।

ଗୋଲିଦାସ—

ବାଣପୁର ଅଞ୍ଚଳରେ ଗୋଲିଦାସ ବୋଲି ଜଣେ ପଲ୍ଲୀବାସୀ ଥିଲେ, ଯିଏ କି ଅତିବ ବଳବାନ୍ ଓ ସାହସୀ । ବହୁ ବ୍ୟକ୍ତିଙ୍କୁ ସେ ମୃତ୍ୟୁମୁଖରୁ ବଞ୍ଚାଇଛନ୍ତି । କଂସାରୀ ନଈ ଓ ସୋଲରୀ ପାହାଡ଼ ବାଣପୁରରେ ଅବସ୍ଥିତ । ବର୍ଷାକାଳରେ କଂସାରୀ ନଈ ବଢ଼ିରେ ନଈ ପାର ହେଲାବେଳେ ବହୁ ଲୋକ ଭାସି ଯାଆନ୍ତି ଏବଂ ସୋଲରୀ ପାହାଡ଼ର ବଣ ଭିତରେ ବାଘମାନେ ବହୁ ଉପଦ୍ରବ କରିବାର ଶୁଣାଯାଏ ।

ଆଚାର୍ଯ୍ୟ ହରିହର—

ଆଚାର୍ଯ୍ୟ ହରିହର ସତ୍ୟବାଦୀ ବନବିଦ୍ୟାଳୟ ଗୁରୁକୁଳ ବାସର ଅଧକ୍ଷ ଥିଲେ । ଜନସେବା ତାଙ୍କ ଜୀବନର ଏକମାତ୍ର ବ୍ରତ ଥିଲା । ଜଣେ ତ୍ୟାଗୀ ଜନସେବକ ଭାବରେ ସେ ସମଗ୍ର ଉତ୍କଳରେ ପରିଚିତ । ତାଙ୍କପରି ଋଷିପ୍ରାଣ ପୁରୁଷ ଆଜି ଉତ୍କଳରେ ବିରଳ ।

Digitized by PPRACHIN, SOA